## ଗଣ୍ଡ ସାଂସ୍କୃତିକ ସମାଜ ଲୋକଙ୍କୁ ନେଇ ବିରାଟ ସମ୍ମିଳନୀ

# ଜନଜାତିଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି କରିଛନ୍ତି: ପ୍ରଣବ

ସମ୍ବଲପୁର, ୨୯।୪(ସମିସ)

ସମ୍ବଲପୁର ଜିଲ୍ଲା ହୀରାକୁଦ ସ୍ଥିତ ନୂଆଁଜାମଡ଼ାରେ ଗଣ୍ଡ ସାଂସ୍କୃତିକ ସମାଜର ଲୋକଙ୍କୁ ନେଇ ବିରାଟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଯୋଗଦେଇଥିଲେ। ସମ୍ମିଳନୀରେ ଶହଶହ ସଂଖ୍ୟାରେ ଆଦିବାସୀ ଗଣ୍ଡ ସମାଜର ମହିଳା, ଯୁବକ ଏବଂ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସଭାରେ ଉଦବୋଧନ ଦେଇ ପ୍ରଣବ ପ୍ରକାଶ କହିଥିଲେ, ଆଦିବାସୀମାନେ ହେଉଛନ୍ତି ଏ ଅଞ୍ଚଳର ପ୍ରକୃତ ବାସିନ୍ଦା। ଆଦିକାଳରୁ ସମୟଚକ୍ର ସହିତ ନିଜକୁ ଖାପଖୁଆଇ ରହିଆସୁଛନ୍ତି। ଏ ଅଞ୍ଚଳର ଆଦିବାସୀମାନଙ୍କ ପାରମ୍ପରା, ରୀତିନୀତି, ଚାଲିଚଳଣି, ବେଷଭୂଷା, କଳା ଓ ସଂସ୍କୃତି ବିଶ୍ୱବିଦିତ। ତେଣୁକରି ଆଦିବାସୀମାନଙ୍କ ଉନ୍ନତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାସର୍ବଦା ତତ୍ପର ଅଛନ୍ତି। ଜନଜାତିମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠି କରିଛନ୍ତି। ଯେଉଁ ପାଣ୍ଠିର ମାଲିକ କେବଳ ଆପଣମାନେ। ଏହି ପାଣ୍ଠିରୁ ଅନୁଦାନ ଖର୍ଚ୍ଚକରି ଆଦିବାସୀଙ୍କ ସାମାଜିକ ସୁରକ୍ଷା, ଲୋକସଂସ୍କୃତି ର ଉନ୍ନତି ପାଇଁ ବିଭିନ୍ନ ଯୋଜନା ଓ ପ୍ରକଳ୍ପମାନ କରାଯାଉଛି। କେନ୍ଦୁପତ୍ର ତୋଳାଳିଙ୍କ ପାଇଁ କେନ୍ଦ୍ର ସରକାର ୧୮ ପ୍ରତିଶତ ଜିଏସ୍‌ଟି ଲଗେଇଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ଆଣୁଥିବା ଜିଏସ୍‌ଟି ଫେରାଇ ଦେଉଛନ୍ତି। କେନ୍ଦ୍ର ସରକାର ବର୍ଷକୁ ଏଇଠାରୁ ୫ ହଜାର କୋଟି ଟଙ୍କା କେବଳ ସେସ୍ ନେଉଛନ୍ତି ଓ ଖର୍ଚ୍ଚ କରୁଛନ୍ତି ଅନ୍ୟ ରାଜ୍ୟରେ। ପୂର୍ବରୁ ବିଜେପି ଦଳର ଯେଉଁ ପ୍ରାର୍ଥୀଙ୍କୁ ଭୋଟଦେଇ ଆପଣ ବିଧାୟକ ଓ ସାଂସଦ କରିଥିଲେ ୫ବର୍ଷ ହେଲା ସେମାନଙ୍କର ଦେଖାନାହିଁ। ସେମାନେ ଆପଣମାନଙ୍କ ପାଇଁ କିଛି ଚିନ୍ତା କଲେନି। ମୁଖ୍ୟମନ୍ତ୍ରୀ ଆପଣମାନଙ୍କ ପାଇଁ ସବୁବେଳେ ଚିନ୍ତା କରନ୍ତି। ତେଣୁକରି ଏଥର ସମ୍ବଲପୁର ସଂସଦୀୟ କ୍ଷେତ୍ରରେ କାମ କରିବାକୁ ମତେ ପଠାଇଛନ୍ତି। ସ୍ୱର୍ଣ୍ଣାଭ ସ୍ୱପ୍ନ ଦେଖାଇ ଆପଣଙ୍କ ଠାରୁ ଭୋଟ ନେଇ ଠକିଥିବା ନେତାମାନଙ୍କୁ ଜବାବ ଦେବାର ସମୟ ଆସିଛି। ଆସନ୍ତା ୨୫ ତାରିଖରେ ଯୋଡ଼ି ଶଙ୍ଖରେ ଭୋଟ ଦେଇ ସେମାନଙ୍କୁ ବିକାଶ ବିରୋଧୀ ନେତାଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ପ୍ରଣବ ପ୍ରକାଶ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ରାକ୍ଷୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



## ନାକଟିଦେଉଳରେ ବିଜେଡିର କର୍ମୀ ସମ୍ମିଳନୀ




ନାକଟିଦେଉଳ, ୨୯।୪(ସମିସ): ନାକଟିଦେଉଳ ବ୍ଲକର ଜଗନ୍ନାଥପ୍ରସାଦ, ବଳମ, ସରାପାଲି, କାଉଁସିପାଳ ଓ ଘୋଷରାମାଳ ଠାରେ ବିଜେଡି ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ନେଇ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ବିଧାନସଭା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ କର୍ମୀ ସମ୍ମିଳନୀରେ ଯୋଗଦେଇ କର୍ମୀମାନଙ୍କୁ ଏକଜୁଟ ହୋଇ ଦଳକୁ ବିଜୟୀ କରି ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ସରକାରଙ୍କ ଜନକଲ୍ୟାଣ ଯୋଜନା ଗୁଡିକ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ନବୀନ ସରକାରଙ୍କ ପୂର୍ବରୁ ଓଡ଼ିଶାର ଅବସ୍ଥା କ'ଣ ଥିଲା ଏବଂ ବର୍ତ୍ତମାନର ଓଡ଼ିଶାର ପ୍ରକୃତ ଚିତ୍ର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ବିଜେପି ଲୋକଙ୍କୁ ଠକୁଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପ୍ରତି ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ଉପସଭାପତି ଅନାଦି ଚରଣ ସାହୁ, ଜିଲ୍ଲା ଯୁବ ବିଜେଡି ଉପସଭାପତି ରାଜକିଶୋର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ବ୍ଲକ ବିଜେଡି ସଭାପତି ମୁଲିଆ ରାଉଳ, ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ସାହେବୀ ସରପଞ୍ଚ ରାମପ୍ରସାଦ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଡଙ୍ଗରପଡ଼ାରେ ୱାର୍ଡସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ପଡ଼ିଆବାହାଲ, ୨୯।୪(ସମିସ): ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତର ଡଙ୍ଗରପଡ଼ା ଗ୍ରାମରେ ପ୍ରତାପ ନାୟକ ଓ ଦୟାସାଗର ପଧାନଙ୍କ ନେତୃତ୍ୱରେ ଓ ସାଂସଦ ପ୍ରାର୍ଥୀଙ୍କ ବ୍ଲକ ପର୍ଯ୍ୟବେକ୍ଷକ ରାଜେଶ କୁମାର ପଣ୍ଡାଙ୍କ ଉପସ୍ଥିତିରେ ବିଜୁ ଜନତା ଦଳର ଏକ ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନରେ ପ୍ରତିଟି ଭୋଟର ଆମ ଦଳୀୟ ବିଧାୟକ ଓ ଲୋକସଭା ସଦସ୍ୟ ଉଭୟଙ୍କୁ ନିଶ୍ଚିତ ଭୋଟ ଦାନ କରି ଆମ ସରକାର ଗଠନ ନିଶ୍ଚିତ ପାଇଁ ପ୍ରତ୍ୟେକ କର୍ମୀ ଯତ୍ନବାନ ହେବାକୁ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ କାର୍ଯ୍ୟକୁ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ସଂକଳ୍ପ ନେଇଥିଲେ। ବିଜେଡି ଏକମାତ୍ର ସରକାର ଯିଏକି ପ୍ରକୃତ ରେ ଓଡ଼ିଶାର ବିକାଶ କରିଛି ବୋଲି କର୍ମୀମା ନେ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମେଶ ପଧାନ, ବିନୟ ବିଶ୍ୱାଳ, ପଞ୍ଚାନନ ମିର୍ଦ୍ଧା, ରାଜକୁମାର ବାରିକ, ଶ୍ରଦ୍ଧାକର ହାତୀ, ରାମକୃଷ୍ଣ ମିର୍ଦ୍ଧା, ପ୍ରେମ ପ୍ରକାଶ ଖମାରି, ସନ୍ୟାସୀ ମିର୍ଦ୍ଧା, ମାନଭଞ୍ଜନ ସିଂହ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ରହି ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ବିଭିନ୍ନ ରଣକୌଶଳ ଉପରେ ଆଲୋଚନା କରିଥିଲେ।



## ଗୋପାଲମାଲରେ ବିଜେଡିର ପ୍ରଚାର

# ମିଷ୍ଟର ଇଣ୍ଡିଆ ପାଲଟୁଥିବା ନେତା ଦରକାର ନାହିଁ : ରୋହିତ

ସମ୍ବଲପୁର, ୨୯।୪(ସମିସ): ବିଜୁ ଜନତା ଦଳ ତରଫରୁ ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୧୯ ଅର୍ନ୍ତଗତ ଗୋପାଲମାଲ ଠାରେ ପ୍ରଚାର କାର୍ଯ୍ୟକ୍ରମ କରାଯାଇଛି। ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରୋହିତ ପୂଜାରୀ ସଭାରେ ଉଦ୍‌ବୋଧନ ଦେଇ ଭୋଟ ନେବା ପରେ ଉଭାନ ହୋଇଯାଉଥିବା ଭାରତୀୟ ଜନତା ପାର୍ଟିର ନେତାମାନଙ୍କୁ ମିଷ୍ଟର ଇଣ୍ଡିଆ ବୋଲି ସମ୍ବୋଧନ କରିଥିଲେ। ସେ କହିଥିଲେ, ଆପଣମାନେ ଗତ ନିର୍ବାଚନରେ ସମ୍ବଲପୁରରେ ବିଧାୟକ ଏବଂ ସାଂସଦ ଭାବରେ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ହେଲେ ଗତ ୫ବର୍ଷ ଧରି ସେମାନେ ଉଭାନ ହୋଇଯାଇଥିଲେ। ଲୋକମାନେ ସେମାନଙ୍କ ନାଁ କହିବା ତ ଦୂରର କଥା ସେମାନଙ୍କୁ ଜମା ଦେଖିନାହାଁନ୍ତି ବୋଲି କହିଥିଲେ। ବର୍ତ୍ତମାନ ନିର୍ବାଚନ ଆସିବାରୁ ଘରୁ ବାହାରି ପୁଣି ଭୋଟ ମାଗୁଛନ୍ତି। ତେଣୁ ଚଳିତ ନିର୍ବାଚନରେ ଆମର ମିଷ୍ଟର ଇଣ୍ଡିଆ ଦରକାର ନାହିଁ। ଦୌଡୁଥିବା ବିଧାୟକ ଏବଂ ସାଂସଦ ଦରକାର ବୋଲି ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ଲୋକମାନଙ୍କୁ କହିଥିଲେ। ବିଧାୟକ ଓ ସାଂସଦଙ୍କ ଅପାରଗତା ହେତୁ ଜନତାଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରିନି। ସ୍ଥାନୀୟ ଅଞ୍ଚଳରେ କମ୍ୟୁନିଟି ହଲ, ସ୍କୁଲ, ରାସ୍ତା ଏବଂ ଶୌଚାଳୟର ଘୋର ଅସୁବିଧା ରହିଛି। ଯେହେତୁ ବିଧାୟକ ସାଂସଦ ଶୋଇଲେ, ଭୁବନେଶ୍ୱରରେ ରହିଲେ ତେଣୁ ଏ ଅଞ୍ଚଳର ବିକାଶ କେମିତି ହେବ ବୋଲି ରୋହିତ କହିଛନ୍ତି। ଏଥର ନିର୍ବାଚନରେ ଗତଥର ଭଳି ଭୁଲ ନକରି ବିଧାୟକ ଭାବରେ ରୋହିତ ପୂଜାରୀ ଏବଂ ସାଂସଦ ଭାବରେ ପ୍ରଣବ ପ୍ରକାଶ ଦାସଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିବାବେଳେ ଶହଶହ ସଂଖ୍ୟାରେ କର୍ମୀ ଓ ସମର୍ଥକମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



## ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି, ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ଦାବି

ସମ୍ବଲପୁର, ୨୯।୪(ସମିସ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପ୍ରବଳ ତାପମାତ୍ରା ବୃଦ୍ଧି ପାଇଛି। ପଶ୍ଚିମ ଓଡ଼ିଶାରେ ପ୍ରାୟ ୪୫ଡିଗ୍ରୀ ପାଖାପାଖି ତାପମାତ୍ରା ଛୁଇଁଲାଣି। ସାରା ରାଜ୍ୟରେ ରେଡ ୱାର୍ଣ୍ଣିଂ ଘୋଷଣା ସରକାର କରିଛନ୍ତି। ସବୁ ସ୍କୁଲ୍, କଲେଜ ବନ୍ଦ କରାଯାଇଛି। ହେଲେ ଅଙ୍ଗନବାଡ଼ି କେନ୍ଦ୍ର ଏବେ ବି ଖୋଲା ରହିଛି। ତେଣୁ ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ କରିବାକୁ ଦାବି କରିଛନ୍ତି। ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି। ଆଗକୁ ଆହୁରି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସମ୍ଭାବନା ରହିଛି। ତେଣୁ ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ବନ୍ଦ କରିବା ସକାଶେ ଆଦେଶନାମା ଜାରି କରିବାକୁ ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ସରକାରଙ୍କ ପାଖରେ ଦାବି କରାଯାଇଛି। ଲୋକେ ବ୍ୟାପକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବାହାରୁ ନାହାନ୍ତି। ସରକାରୀ ଅଫିସରେ କୁଲର୍ ଓ ଏସି ବ୍ୟବସ୍ଥା କରାଯାଇଛି। ଅଙ୍ଗନବାଡି କେନ୍ଦ୍ରରେ ନା ଅଛି ଏସି କି କୁଲର୍। କେନ୍ଦ୍ର ବିନା ବିଦ୍ୟୁତ୍ ଯୋଗାଣରେ ଚାଲିଛି। ବହୁସଂଖ୍ୟାରେ ନିଜସ୍ୱ ଗୃହ ବି ନାହିଁ। ଏପରି ସ୍ଥଳେ କୋମଳମତି ଶିଶୁ ମାନଙ୍କର ଅବସ୍ଥା କ'ଣ ହେଉଥିବ ତାହା ଅନୁମାନ କରାଯାଉଛି। ବିଗତ ଦିନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ସାମୟିକ ଛୁଟି ଦିଆଯାଇଥିବାର ଦୃଷ୍ଟାନ୍ତ ରହିଛି। ଗ୍ରୀଷ୍ମ ଅବକାଶ ଦେବାକୁ ବାରମ୍ବାର ପ୍ରତିଶ୍ରୁତି ଦେବା ପରେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅଂଶୁଘାତ ଯୋଗୁଁ ରାଜ୍ୟରେ ବିଭିନ୍ନ ସ୍ଥାନରେ ଜୀବନ ହାନୀର ଖବର ରହୁଛି। ସରକାର ଶୀଘ୍ର ଦୃଷ୍ଟି ଦେବାକୁ ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଦାବି କରାଯାଇଛି।

## ସଂଜ୍ଞାହୀନ ଅଚିହ୍ନା ଯୁବତୀ ଉଦ୍ଧାର

ରେଙ୍ଗାଲି, ୨୯।୪(ସମିସ): ଠେଲକୋଲୋଇ ଥାନା ଅନ୍ତର୍ଗତ ବାରଗାଡ଼-ବିଞ୍ଜିପାଲି ରାସ୍ତାରେ ଜଣେ ସଂଜ୍ଞାହୀନ ଅଚିହ୍ନା ଯୁବତୀଙ୍କୁ ପୁଲିସ ଉଦ୍ଧାର କରିଛି। ପୁଲିସ ପହଞ୍ଚି ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଡାକ୍ତରଖାନାକୁ ନେଇଥିଲା। ଯୁବତୀଙ୍କ ବୟସ ୨୫/୩୦ବର୍ଷ ହେବ ବୋଲି ଜଣାପଡ଼ିଥିବାବେଳେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଜଣାପଡ଼ିଛି।

## ମଧୁବାବୁ ଜୟନ୍ତୀ

ହୀରାକୁଦ, ୨୯।୪(ସମିସ): ହୀରାକୁଦ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱାଭିମାନ ଦିବସ ପାଳିତ ହୋଇଛି। ଏହି ଅବସର ରେ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ସୁରେନ୍ଦ୍ର କୁମାର ବିଶ୍ୱାଳ, ସମ୍ପାଦକ ମୂରଲୀଧର ବେହେରା, କର୍ଯ୍ୟକାରୀ ସଭାପତି ହିମାଂଶୁ ଶେଖର ହୋତା, ବିରେନ୍ଦ୍ର ଜେନା, ଭଜରାମ ସ୍ୱାଇଁ, ରାଧାମୋହନ ପଣ୍ଡା, ସରୋଜ ଆଚାର୍ଯ୍ୟ, ଗନ୍ଧର୍ବ ଦାଶ, ରାଧାମୋହନ ପଣ୍ଡା, ବିଜୟ ସାହୁ, ନିକୁଞ୍ଜ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ନୀତେଶଙ୍କ ବିଜେପି ଛାଡ଼ିବା ନେଇ ଜୋର୍ ଚର୍ଚ୍ଚା

ସମ୍ବଲପୁର, ୨୯।୪(ସମିସ): ସମ୍ବଲପୁର ଲୋକସଭା ସଦସ୍ୟ ନୀତେଶ ଗଙ୍ଗଦେବ ବିଜେପି ଛାଡ଼ିଲେ ବୋଲି ତାଙ୍କ ସମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲେ। ଯାହାକୁ ନେଇ ସମ୍ବଲପୁର ଲୋକସଭା ଅନ୍ତର୍ଗତ ୭ ବିଧାନସଭାରେ ଆଲୋଡ଼ନ ସୃଷ୍ଟି କରିଛି। ସ୍ୱାସ୍ଥ୍ୟଗତ କାରଣରୁ ସେ ଦଳ ଛାଡ଼ିଛନ୍ତି ବୋଲି ଉଲ୍ଲେଖ ରହିଛି। ଏହାସହ ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିବା ନେଇ ସୂଚନା ଦେଇଛନ୍ତି। ସେ ଅସୁସ୍ଥତା କାରଣରୁ ଇସ୍ତଫା ଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି। ସୋସିଆଲ୍ ମିଡିଆରେ ପୋଷ୍ଟ ସେୟାର କରି ନୀତେଶ ଗଙ୍ଗଦେବ ଲେଖିଛନ୍ତି, ମୋର ଅସୁସ୍ଥତା କାରଣରୁ ମୁଁ କିଛିଦିନ ପାଇଁ ରାଜନୈତିକ କାର୍ଯ୍ୟକଳାପରୁ ବିରତି ନେଇ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଉଛି। ଆପଣ ଆମର ବାମଣ୍ଡା ରାଜ ପରିବାରର ରାଣୀ ଓ ମୋର ଧର୍ମପତ୍ନୀ ଅରୁନ୍ଧତୀ କୁମାରୀ ଦେବୀଙ୍କୁ ସହଯୋଗ ଓ ଆଶୀର୍ବାଦ କରିବେ ବୋଲି ଆଶା ଏବଂ କାମନା କରୁଛି। ଯାହାକୁ ନେଇ ସମସ୍ତ ରାଜନୈତିକ ଦଳ କର୍ମୀ, ଜନସାଧାରଣ ଚକିତ ହୋଇଯାଇଥିଲେ। ସୂଚନାଯୋଗ୍ୟ, ସମ୍ବଲପୁରରୁ ବିଜେପି ସାଂସଦ ଅଛନ୍ତି ନୀତେଶ ଗଙ୍ଗଦେବ। ହେଲେ ଏଥର କିନ୍ତୁ ବିଜେପି ତାଙ୍କୁ ଟିକେଟ୍ ଦେଇନାହିଁ। ତାଙ୍କ ବଦଳରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରୁ ପ୍ରାର୍ଥୀ ହେଇଛନ୍ତି। ଅନ୍ୟପଟେ ନୀତେଶ ଗଙ୍ଗଦେବଙ୍କ ପତ୍ନୀ ଅରୁନ୍ଧତୀ ଦେବୀ ମଧ୍ୟ କିଛି ଦିନ ତଳେ ବିଜେଡିରେ ବିଦ୍ଧିବଦ୍ଧ ଭାବେ ସାମିଲ ହେବାପରେ ବିଜେଡି ଦେବଗଡ଼ ବିଧାନସଭା ଆସନରୁ ପ୍ରାର୍ଥୀ ମଧ୍ୟ ଘୋଷଣା କରିଛି। ସେ ପ୍ରଚାର ମଧ୍ୟ କରୁଛନ୍ତି। ଆଉ ଏହାର କିଛିଦିନ ପରେ ନୀତେଶ ବିଜେପିରୁ ଇସ୍ତଫା ଦେବା ଚର୍ଚ୍ଚା ବଢ଼ାଇଛି। ଏହାକୁ ନେଇ ଏମପି ନୀତେଶ କହିଛନ୍ତି ଯେ, ଏହା ଭୁଲ ଘଟଣା। କିଏ କ'ଣ ଲେଖିଛି ସେ ଜାଣିନାହାନ୍ତି। ଆଜି ମଧ୍ୟ ବିଜେପିରେ ରହିଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏମପି ନୀତେଶଙ୍କ ଫେସ୍‌ବୁକ ଆଇଡିରେ ଅନେକ ବିଭ୍ରାନ୍ତିକର ତଥ୍ୟ ପ୍ରୋ ହୋଇଥାଏ। ଯାହାକୁ ନେଇ ସେ ଖଣ୍ଡନ କରି ଆସିଛନ୍ତି।

## ରାମନବମୀ ଉତ୍ସବ ଉଦ୍‌ଯାପିତ: ମନ୍ଦିର ପ୍ରବେଶ କଲେ ମହାପ୍ରଭୁ



ପଡ଼ିଆବାହାଲ, ୨୯।୪ (ସମିସ): କବରାପାଲିର ରାମନବମୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇ ମହାପ୍ରଭୁ ଶ୍ରୀରାମଙ୍କ ସହ ଲକ୍ଷ୍ମଣ ଓ ସୀତାଦେବୀ ମନ୍ଦିର ପ୍ରବେଶ କରିଛନ୍ତି। ଯୁଯୁମୁରା ବ୍ଲକର କବରାପାଲି ପଞ୍ଚାୟତ ମୁଖ୍ୟାଳୟରେ ରାମନବମୀରେ ମହାପ୍ରଭୁ ମନ୍ଦିରରୁ ବାହାରି ଭାଇ ଲକ୍ଷ୍ମଣ ଓ ସୀତାଦେବୀଙ୍କ ସହ ଏଗାରଦିନ ଧରି ଗାଁ ମଣ୍ଡପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପ୍ରତ୍ୟହ ମଣ୍ଡପରେ ପଣ୍ଡିତ ଅଶ୍ୱିନି ବିଶ୍ୱାଳ ଓ ପଣ୍ଡିତ ରମେଶ ଦାଶଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଥିଲା। ଚୈତ୍ର ଦଶମୀଠାରୁ ପ୍ରତ୍ୟହ ଭିକାରୀ ଚରଣ ପଣ୍ଡାଙ୍କ ଦ୍ୱାରା ରଚିତ ରାମଲୀଳା ନୃତ୍ୟନାଟିକା ପରିବେଷିତ ହେଉଥିଲା। ରାମଚରିତ ମାନସ ସହିତ ବିଭିନ୍ନ ଦିନରେ ସଂକୀର୍ତ୍ତନ ଓ ଗୀତନୃତ୍ୟର ଆସର ଜମିଥିଲା। ସବୁଠୁ ଉଲ୍ଲେଖନୀୟ ବିଷୟ ହେଲା, ଏହି ସମୟରେ ଗ୍ରାମରେ ଆମିଷ ଓ ନିଶା ସେବନରୁ ଗ୍ରାମ ଓ ଅଞ୍ଚଳ ମୁକ୍ତ ରହିଥିଲା। ଉଦ୍‌ଯାପନୀ ଦିନ ମଣ୍ଡପରେ ହୋମଯଜ୍ଞ ପରେ ମହାପ୍ରଭୁ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ୧୨ଦିନ ଧରି କବରାପାଲି ଆଧ୍ୟାତ୍ମିକ ପରିବେଶରେ ଭାବମୟ ସୃଷ୍ଟି କରିଥିଲା। ରାମନବମୀ କମିଟି ସଭାପତି ମହିମା ପ୍ରସାଦ ବଡ଼ାଇ, କ୍ଷୀରୋଦ ସାହୁ, ଦିଲ୍ଲୀପ ବଡ଼ାଇ, ମନୋଜ କୁମାର ପଧାନ, ସଞ୍ଜୟ କୁମାର ପଧାନ, ରଞ୍ଜିତ ପଧାନଙ୍କ ସହିତ ଗ୍ରାମର ଆବାଳ ବୃଦ୍ଧ ବନିତା ରାମନବମୀ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଚାଷୀଙ୍କ ଚିନ୍ତା ବଢ଼ାଇଛି ଚକଡ଼ା ପୋକ

ସମ୍ବଲପୁର, ୨୯।୪(ସମିସ)

ରବି ଧାନ ଅମଳ ହେବା ସମୟ ଆସିଯାଇଛି। ବିଲରେ ପାଚିଲା ଧାନ ଦେଖି ଚାଷୀ ପରିବାର ବେଶ୍ ଉତ୍ସାହିତ ହୋଇଛନ୍ତି। ହେଲେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଧାନ କ୍ଷେତରେ ଚକଡ଼ା ପୋକ ଓ ବିଭିନ୍ନ ରୋଗ ମାଡ଼ିବା ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ। ରବି ଫସଲ ବିଶେଷ ଭାବେ ହୀରାକୁଦ ଜଳଭଣ୍ଡାର ପାଣିରେ ହେଉଥିବା ସଦର ସବ୍‌ଡିଭିଜନ ଅଞ୍ଚଳରେ ରହିଛି। ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ ସହିତ ଅପର ହୁମା ଓ ଲୋୟର ହୁମା ଟେଲ୍ କେନାଲରେ ଚାଷ ହୋଇଛି। ଏହାସହ କେତେକ ସ୍ଥାନରେ ଉଠାଜଳ ସେଚନ, କ୍ଷୁଦ୍ର ଜଳସେଚନ ଦ୍ୱାରା ଚାଷ ହୋଇଛି। ଧାନ ଅମଳ ହେବା ସମୟରେ ଏବେ ଚକଡ଼ା ପୋକ ଲାଗିବାରୁ ଅମଳ କମିଯିବ ବୋଲି ଚାଷୀ ଦେବେନ୍ଦ୍ର ପ୍ରଧାନ କହିଛନ୍ତି। କୃଷି ବିଭାଗ ପାଖରେ ଅଭିଯୋଗ କରିବା ପରେ ବ୍ଲକ ଓ ପଞ୍ଚାୟତସ୍ତରର ଅଧିକାରୀ ଓ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ଚକଡ଼ା ପୋକ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରୁଛନ୍ତି। ବିଲକୁ ଯାଇ ଚାଷୀ ସହିତ ଆଲୋଚନା କରି ବିଭିନ୍ନ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ହେଲେ ସେଭଳିଆ ଲାଭ ହେଉ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନେକ ସ୍ଥାନରେ ଧାନ ଅମଳ ହେବାକୁ ବସିଥିବାବେଳେ ଆହୁରି ଅନେକ ସ୍ଥାନରେ ଧାନ ପରିପକ୍ୱ ହୋଇନାହିଁ। ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଚକଡ଼ା ପୋକ ଯୋଗୁଁ ଚାଷୀକୂଳ ଚିନ୍ତାରେ ପଡ଼ିଯାଇଛନ୍ତି। ମାନେଶ୍ୱର ତହସିଲ ପରମାଣପୁର, କବରାପାଲି, ପଡ଼ିଆବାହାଲ, ମାନେଶ୍ୱର, ବଡେମୁରା ଭଳି ପ୍ରାୟ ସବୁ ଅଞ୍ଚଳରେ ଚାଷ ପ୍ରଭାବିତ ହୋଇଛି।



ତେବେ ଏଭଳି ସମୟରେ ଧାନରେ ଚକଡ଼ା ପୋକ ଚାଷୀଙ୍କୁ ଦାଉ ସାଧୁଛି। ଚକଡ଼ା ପୋକ ଯୋଗୁଁ ଅନେକ ସ୍ଥାନରେ ଧାନ ଅମଳ ହେବା ପୂର୍ବରୁ ନଷ୍ଟ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ବିଭିନ୍ନ ଅଞ୍ଚଳରେ ଧାନ କ୍ଷେତରେ ଚକଡ଼ା ପୋକ ଯୋଗୁଁ ହଜାର ହଜାର ଏକର ଚାଷଜମି କ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଧାର କରଜ କରି ଧାନ ଚାଷ କରିଥିବା ଚାଷୀ ବର୍ତ୍ତମାନ ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ବିଶେଷ ଭାବରେ ଗହଳିଆ ଧାନ ଚାଷ ସହିତ ଧାନଗଛର ମୂଳରେ ଖରା ନବାଜିବାରୁ ଏଭଳି ଚକଡ଼ା ପୋକ ଲାଗୁଥିବା ଚାଷୀମାନେ କହିଛନ୍ତି। ଯେତେ ପରିମାଣ କିଟନାଶକ ଔଷଧ ସିଞ୍ଚନ କଲେ ମଧ୍ୟ ନିୟନ୍ତ୍ରଣ ହେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରେ କୃଷି କ୍ଷେତ୍ର କର୍ମଚାରୀମାନେ ଚାଷୀଙ୍କୁ ଚାଷର ପ୍ରଣାଳୀ, ଚକଡ଼ା ପୋକରୁ ସୁରକ୍ଷା ନେଇ ସଚେତନ କରୁଥିବା ମଧ୍ୟ ସୂଚନା ମିଳିଛି। ଧାନ କ୍ଷେତରେ ଜଳର ପରିମାଣ, ସାରର ଉପଯୋଗ ତଥା ଚାଷର ବିଭିନ୍ନ ଦିଗ ଉପରେ ଚାଷୀଙ୍କୁ ବିଭିନ୍ନ ସମୟରେ କୃଷି ବିଭାଗ ପକ୍ଷରୁ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଉଛି। ହେଲେ ମଧ୍ୟ ଚାଷୀମାନଙ୍କୁ ଶେଷରେ କ୍ଷତି ସହିବାକୁ ପଡୁଛି। ଅନ୍ୟପଟେ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଚକଡ଼ା ନିୟନ୍ତ୍ରଣକୁ ଆସିଛି। କେଉଁ ଚାଷୀର ଚକଡ଼ା ଲାଗିଥିବା ଅଭିଯୋଗ କିମ୍ବା ସୂଚନା ଆସିଲେ ବିଭାଗ ପକ୍ଷରୁ ଚାଷ ଜମିକୁ ଯାଇ କିଟନାଶକ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଉଛି। କୃଷି ବିଭାଗ ସର୍ତ୍ତକ ରହିଛି ବୋଲି କହିଛନ୍ତି।

# ନାମାଙ୍କନପତ୍ର ଦାଖଲ କଲେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା

**ବରଗଡ଼/ପଦ୍ମପୁର, ୨୯ ।୪ (ସମିସ)**

ପଦ୍ମପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଜୁ ଜନତା ଦଳର ପ୍ରାର୍ଥିନୀ ବର୍ଷା ସିଂ ବରିହା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶ୍ରୀମତୀ ସିଂ ବରିହା ସକାଳୁ ଜଗତଜନନୀ ମାଁ ବିନ୍ଧ୍ୟବାସିନୀଙ୍କ ପୂଜାର୍ଚ୍ଚନା କରିବା ପରେ ନିଜ ମାଁ ଙ୍କର ଆଶୀର୍ବାଦ ନେଇ ସ୍ୱାମୀ ସ୍ମୃତି ସୌରଭ ବଳିୟାର ସିଂ, ଭାଇ ଭୋଜରାଜ ସିଂ ବରିହାଙ୍କ ସହିତ ବାପାଙ୍କ ସମାଧି ପୀଠ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ଆସିଥିବା ହଜାର ହଜାର ସମ୍ମର୍ଥକ, ଦଳୀୟ କାର୍ଯ୍ୟକର୍ତ୍ତା, ଶୁଭେଚ୍ଛୁ ଓ ମାଁ ଭଉଣୀ ଙ୍କର ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ ଅଫିସକୁ ପହଞ୍ଚିଥିଲେ। ନିଜର ପ୍ରସ୍ତାବକଙ୍କ ସହିତ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ଆଲୋକ ପଟେଲଙ୍କ ଠାରେ ୨ କିତା ନାମାଙ୍କନ ସେଟ ଦାଖଲ କରିଥିଲେ। ଏଥିରେ ନବ କିଶୋର ସାହୁ ଓ ପ୍ରଶାନ୍ତ କୁମାର ମହାନ୍ତି ପ୍ରସ୍ତାବକ ଥିଲେ। ନାମାଙ୍କନ ଅବସରରେ ବରଗଡ଼ ଲୋକସଭା ବିଜେଡି ପ୍ରାର୍ଥିନୀ ପରିଣୀତା ମିଶ୍ର, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପଦ୍ମପୁର ଏନ ଏ ସି ଅଧ୍ୟକ୍ଷା ସବିତ୍ରୀ ବାଗ, ପାଇକମାଲ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ଭୋଜରାଜ ସିଂ ବରିହା, ପ୍ରଶାନ୍ତ ମହାନ୍ତି, ନବ କିଶୋର ସାହୁ, ସିଦ୍ଧାର୍ଥ ଶଙ୍କର ମିଶ୍ର, ବିଜୟ କେତନ ପ୍ରଧାନ, ହୃଦାନନ୍ଦ ବାରିକ, ଗୌତମ ସିଂ, ଭରତ ପଣ୍ଡା, ମାରୁତି ମୋହନ ମିଶ୍ର, ଯତୀନ୍ଦ୍ର ହାତୀ, ହୃଷିକେଶ ବରିହା, ସୋନୁ ବାଗ ଉପସ୍ଥିତ ଥିଲେ।



## ବରଗଡ଼ ଜିଲ୍ଲାରେ ୮ ଜଣଙ୍କ ନାମାଙ୍କନପତ୍ର ଦାଖଲ

ସୋମବାର ବରଗଡ଼ ଲୋକସଭା ଏବଂ ବରଗଡ଼, ପଦ୍ମପୁର, ଭଟଲି, ବିଜେପୁର ବିଧାନସଭା ପାଇଁ ୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ବରଗଡ଼ ଲୋକସଭା ପାଇଁ ବହୁଜନ ସମାଜ ପାର୍ଟୀରୁ ଟଙ୍କଧର କଣ୍ଟା ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେହିପରି ବରଗଡ଼ ବିଧାନସଭା ପାଇଁ ବିଏସପିରୁ ଜୟ ଶଙ୍କର ସିହ୍ନା ଏବଂ ସ୍ୱାଧୀନ ପ୍ରାର୍ଥୀ ପାଣ୍ଡବ କର୍ଣ୍ଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ପଦ୍ମପୁର ବିଧାନସଭା ପାଇଁ ବିଜେଡିରୁ ବର୍ଷା ସିଂ ବରିହା, ବିଏସପିରୁ ରୂପଧର କୁମ୍ଭାର ଏବଂ ସ୍ୱାଧୀନ ପ୍ରାର୍ଥୀ ରେବତୀ ଗିରି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନୁରୂପ ଭାବେ ବିଜେପୁର ବିଧାନସଭା ପାଇଁ ବିଏସପିରୁ ଧବଳେଶ୍ୱର ମହାନନ୍ଦ ଏବଂ ଭଟଲି ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ସାବିତ୍ରୀ ଆଚାର୍ଯ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ।

# ଶତାଧିକ କଂଗ୍ରେସ ଓ ବିଜେପି କର୍ମୀଙ୍କ ବିଜେଡିରେ ଯୋଗଦାନ



ଦିନକୁ ଦିନ ବିଜୁ ଜନତା ଦଳ ପ୍ରତି ଆକର୍ଷିତ ହୋଇ ବିଭିନ୍ନ ସଙ୍ଗଠନ ସମେତ କଂଗ୍ରେସ ଓ ଭାଜପା ଦଳର କର୍ମୀ ମାନେ ବହୁ ସଂଖ୍ୟାରେ ବିଜେଡିରେ ଯୋଗ ଦେବାରେ ଲାଗିଛନ୍ତି। ସୋମବାର ବିଧାୟକ ଦେବେଶ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ସମ୍ବିତ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, କମଳ ତାଣ୍ଡି ପ୍ରମୁଖ ଉପସ୍ଥିତିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବରଗଡ଼ ତୋରା ଓ ଧାଙ୍ଗେର ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାପଡ଼ାର ଶତାଧିକ କଂଗ୍ରେସ, ବିଜେପି ତଥା ବିଭିନ୍ନ ସଙ୍ଗଠନର କର୍ମୀ ବିଜେଡିରେ ଯୋଗଦାନ ଅବସରରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ବିକାଶ ପ୍ରକ୍ରିୟା ସହିତ ନବୀନ ବାବୁଙ୍କ ନେତୃତ୍ୱ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ଉଲ୍ଲେଖ କରିଥିଲେ। ବିଜେଡିରେ ଯୋଗଦାନ କରିଥିବା ତୋରାର ରିକେଶ ବାରିକ, ଦିନେଶ ମହାପାତ୍ର, ସୁମନ ଦେହେରି, ଆଦେଶ ସେଟ୍, ଜଗରାତ ମହାପାତ୍ର, ବବିନ ନାଏକ, ଆଲୋକ ମହାପାତ୍ର, ଶିଶିର ସାହୁ, ଦିନେଶ ବେହେରା, ବିକ୍ରମ ବାରିକ, ମନୋଜ ଭୂୟାଁ, ରିଣ୍ଟୁ ଦାସ, ଦଶରଥ ଭୂୟାଁ, ସମୀର ମହାକୁଡ, ଦିଲ୍ଲୀପ ଭୂୟାଁ, ପପୁ ମହାକୁଡ, ବିକାଶ ନାଏକ, ଆଶିଷ ମହାପାତ୍ର, ସୁନ୍ଦରା ସେଟ୍, ଦିନେଶ ପ୍ରଧାନ, ଯଶ ସାହୁ, ବିକି ବାରିକ, କିରଣ ଦାସ, କରଣ ଥାଳି, ଦୀପକ ସରାଫ, ଅମନ୍ ମହାକୁଡ, ମାନସ ଗରିଆ, ନିକେସ ଭୋଇ, ମୀନା ରାଣା, ଜିତୁ ଦାସ, ଚମରା ଭୋଇ, ରାହୁଲ ସେଟ୍, ରାକେଶ କାଲସେ, ଅମିର ମହାକୁଡ, ସୌମ୍ୟା ସାହୁ, ଋଷବ୍ ସାହୁ, ମନ ରାଣା, ଗୌର ଭୂୟାଁ, ନିପନ ସାହୁ, ଆକାଶ ସାହୁ, ଦୀପକ ସରାଫ, ସୁନିଲ ଭୂୟାଁ, ଆଲୋକ ସରାଫ, ରଞ୍ଜନ ମହାପାତ୍ର, ଗୁହାଲୁ ଭୂୟାଁ, ଅଜିତ ସା ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ମୁଣ୍ଡାପଡ଼ା ର ସୁଜାତା କେରକେଟା, ଆନନ୍ଦିନି କେରକେଟା, ଶାନ୍ତି ଜୋଜୋ, ଲାରେନ୍ସିଆ ତିର୍କି, ଶାନ୍ତି ବାର୍ଲା, ଜ୍ୟୋତି ଡେଙ୍ଗ୍ରା, ସଂଯୁକ୍ତା ଯୋରାନ, ମୁକ୍ତା ତିର୍କି, ରିଲେନ୍ ସୁରେନ, ଜ୍ୟୋତି ମନୋହାରି ହୋରା, ମାରାୟମ କେରକେଟା, ଲକ୍ଷ୍ମୀ ମହାନନ୍ଦ, ବୈଜୟନ୍ତୀ ମହାନନ୍ଦ, ସୁମାନି ଦାଙ୍ଗୱାର, ଆଶା ଖଖା, ଅବ୍ରି ଦୀକ୍ଷା, ଅର୍ଚ୍ଚନା ଡୁଙ୍ଗଡୁଙ୍ଗ, ଶାନ୍ତି ଡୁଙ୍ଗଡୁଙ୍ଗ, ଫୁଲରାମ କେରକେଟା, ଫରିସା ମିଞ୍ଜ, ମହିମା କଣ୍ଡାଲାନ, ଅଶ୍ରିତା ଯୋଜୋ, ମାଳି ଦଣ୍ଡସେନା, ପିଙ୍କି ଯୋଗୀ, ମନ୍ୱେଲ୍ କଣ୍ଡୁଲନା, ପ୍ରଦୀପ କେରକେଟା ଙ୍କ ସମେତ ଶତାଧିକ ତାଙ୍କ ସମର୍ଥକ ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ବିଜେଡିକୁ ବିପୁଳ ବିଜୟ କରାଇବା ପାଇଁ ସଂକଳ୍ପ ନେଇଥିଲେ।

# ସ୍ୱାଧୀନ ଭାବରେ ପାଣ୍ଡବ କର୍ଣ୍ଣଙ୍କ ନାମାଙ୍କନପତ୍ର ଦାଖଲ

ସୋମବାର ନାମାଙ୍କନ ଦାଖଲର ଚତୁର୍ଥ ଦିନରେ ବରଗଡ଼ ବିଧାନସଭା ପାଇଁ ପାଣ୍ଡବ କର୍ଣ୍ଣ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ନିଜ ନାମାଙ୍କନ ପତ୍ର ବରଗଡ଼ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର କୁମାର ନାଗଭୂଷଣଙ୍କ ଠାରେ ଦାଖଲ କରିଥିଲେ। ପାଣ୍ଡବ କର୍ଣ୍ଣ ବରଗଡ଼ ବିଧାନସଭାରୁ କଂଗ୍ରେସ ପାଇଁ ଆଶାୟୀ ପ୍ରାର୍ଥୀ ଥିଲେ। ତେବେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ସ୍ୱାଧୀନ ଭାବରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବରଗଡ଼ ଜିଲ୍ଲାରେ ସମାଜସେବାରେ ଜଡ଼ିତ ପାଣ୍ଡବ କର୍ଣ୍ଣ ଚାଷୀ ସମସ୍ୟା ସହ ବରଗଡ଼ ବିଧାନସଭାରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ସେ ଲୋକଙ୍କ ପାଖକୁ ଯିବେ ଏବଂ ନିଜ ସଂଗ୍ରାମ ଜାରି ରଖିବେ ବୋଲି କହିଛନ୍ତି। ସେହିପରି ବରଗଡ଼ ବିଧାନସଭା ପାଇଁ ବିଏସପିରୁ ଜୟ ଶଙ୍କର ସିହ୍ନା ମଧ ତାଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି।



# ନିର୍ବାଚନ ତାତି ସହ ଖରାତାତିରେ ସମସ୍ତେ ବେହାଲ

ଡହଡହ ଖରାରେ ଚାଲିଛି ବିଭିନ୍ନ ଦଳର ନିର୍ବାଚନ ପ୍ରଚାର। ନାମାଙ୍କନ ଦାଖଲ୍‌ଧ ଆରମ୍ଭ ହୋଇଛି। ସକାଳୁ ସକାଳୁ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ନେତା ଠାରୁ କର୍ମୀ ସମସ୍ତେ ବେହାଲ ହୋଇ ପଡ଼ୁଛନ୍ତି।



ଅସହ୍ୟ ତାତି ଯୋଗୁଁ ସକାଳ ୧୧ରୁ ରାସ୍ତା ଶୂନଶାନ ହୋଇ ପଡୁଛି। ନିର୍ବାଚନ ପ୍ରଚାର କରୁଥିବା କର୍ମୀ ଓ ପ୍ରାର୍ଥୀ ପ୍ରଚଣ୍ଡ ଖରାକୁ ଖାତିର ନକରି ସକାଳୁ ସକାଳୁ ବାହାରି ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ଅପ୍ରେଲ ମାସରୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି। ମଇ ୨୦ ତାରିଖରେ ଏଠାରେ ନିର୍ବାଚନ ଅନୁଷ୍ଠିତ ହେବ। ତପମାତ୍ର ଆଗକୁ ଆହୁରି ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ସତର୍କ କରି ସାରିଛି। ତାତି ଯୋଗୁଁ କିପରି ପ୍ରଚାର ହେବ ନେତା କିପରି ଭୋଟର ମାନଙ୍କ ପାଖକୁ ଯିବେ ତାକୁ ନେଇ ସବୁଦଳରେ ଚିନ୍ତା ଘାରିଛି। ପ୍ରଚଣ୍ଡ ଗରମରେ ଭୋଟର ବୁଥକୁ ଆସି କିଭଳି ସୁରୁଖୁରରେ ଭୋଟଦାନ କରିବା ତାକୁ ନେଇ ପ୍ରଶାସନିକ ସ୍ତରରେ ମଧ ଅନେକ ବିଚାର ଆଲୋଚନା ଜାରି ରହିଛି।

# ଜନସାଧାରଣଙ୍କୁ ବିଗତ ୫ ବର୍ଷର ବିକାଶ ରିପୋର୍ଟ ପ୍ରଦାନ କଲେ ଦେବେଶ

**ବରଗଡ଼, ୨୯ ।୪(ସମିସ):** ବିଜେଡି ବିଧାନସଭା ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ସହର ତଥା ଗ୍ରାମାଞ୍ଚଳରେ ବ୍ୟାପକ ନିର୍ବାଚନ ପ୍ରଚାର କରୁଥିବା ବେଳେ ତୋରା, ସରସରା,



ଏସ୍ ଡୁମ୍ରେରପାଲି, ଗୁଡେଶିରା, ନୂଆ ଗୁଡେଶିରା, ଥାଟିଟିକ୍ରା, ବାନ୍ଦେନଟିକ୍ରା, ଅମ୍ବାପତ୍ରା ଆଦି ବିଭିନ୍ନ ଗ୍ରାମ ଯାଇ ଜନସାଧାରଣଙ୍କୁ ଭେଟି ବରଗଡ଼ ନିର୍ବାଚନ ମଣ୍ଡଳୀରେ ବିଗତ ୫ ବର୍ଷ ଭିତରେ ହୋଇଥିବା ବିକାଶ ସମ୍ବନ୍ଧରେ ରିପୋର୍ଟ କାର୍ଡ଼ ଉପସ୍ଥାପନ କରି ଆଶୀର୍ବାଦ କାମନା କରିଥିଲେ। ବିପକ୍ଷ ବିଗତ ଦିନରେ ବରଗଡ଼ରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇ ନଥିବା ଅଭିଯୋଗ କରୁଥିବା ବେଳେ ଦେବେଶ ଆଚାର୍ଯ୍ୟ ଏହାର ଜବାବ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରି ବିରୋଧୀଙ୍କୁ କଡ଼ା ଜବାବ ଦେଇଛନ୍ତି। ଖଣ୍ଡହତା-ତାଲପାଲି ବିଜୁ ସେତୁ ୨ କୋଟି ୧୭ ଲକ୍ଷ ୯୬ ହଜାର, ବୁରୋଗାଡ ନାଲିଆ ରୁ ବହିଆପଦର - ଯୁଲଟ ରୋଡ ବ୍ରିଜ ୪ କୋଟି ୪ ଲକ୍ଷ ୩୩ ହଜାର ମତୁଆଲି ଜୋର୍, କଳାପାଣିରୁ କୁର୍ଲା ରୋଡ ୩ କୋଟି ୩୭ ଲକ୍ଷ ଖଇରନାଲା, ତୋରା-ଆମ୍ବସଢା ରୋଡ ୨ କୋଟି ୧୮ ଲକ୍ଷ, ବଞ୍ଜାରି ନାଳା ଉପରେ ସାଉଁଥପୁର-ଗୁଡେଶିରା ବ୍ରିଜ ୩ କୋଟି ୯୭ ଲକ୍ଷ ମଞ୍ଜୁର ହୋଇ କାର୍ଯ୍ୟ ସମ୍ପୂର୍ଣ ହୋଇ ଲୋକାର୍ପିତ ହୋଇ ସାରିଛି। ସେହିପରି ପ୍ରାୟ ଶହେ କୋଟିରେ କ୍ୟାନ୍ସର ହସପିଟାଲ ନିର୍ମାଣ, ୧୦ କୋଟି ରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ସହିତ ଆନନ୍ଦ ସ୍ମାର୍ଟ ପାର୍କର ନିର୍ମାଣ ସରି ଲୋକାର୍ପିତ ହୋଇ ସାରିଥିବା ବେଳେ ଜୀରାନଦୀ ସାଇ ମନ୍ଦିରରୁ ରୁହୁନିଆ ରିଙ୍ଗରୋଡ କାର୍ଯ୍ୟ ଆରମ୍ଭ ହୋଇଥିବା ଅବଗତ କରାଇ ଆହୁରି ୮ ରୁ ଉର୍ଦ୍ଧ୍ୱ ସେତୁ ଓ ୧୩ ରୁ ଉର୍ଦ୍ଧ୍ୱ ରୋଡ ତଥା ଅନେକ ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଙ୍କ ତରଫରୁ ଅର୍ଥ ମଞ୍ଜୁର ହୋଇ କାର୍ଯ୍ୟ ପ୍ରଗତିରେ ଥିବା ଉଲ୍ଲେଖ କରିଥିଲେ। ତେବେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବରଗଡ଼ ପାଇଁ ଆହୁରି ଅନେକ ଉନ୍ନୟନ କାର୍ଯ୍ୟ କରିବା ଲକ୍ଷ୍ୟ ରହିଥିବାରୁ ଡବଲ ବିକାଶ ପାଇଁ ଡବଲ ଶଙ୍ଖରେ ଆଶୀର୍ବାଦ ପ୍ରଦାନ କରିବା ପାଇଁ ଜନସାଧାରଣଙ୍କ ପାଖରେ କାମନା କରିଥିଲେ।

## ଚନ୍ଦ୍ରାବତୀନଗରକୁ ଜଳ ଯୋଗାଣ କେବେ?

**ପଦ୍ମପୁର, ୨୮.୪ (ସମିସ):** ପଦ୍ମପୁର ସହର ଚନ୍ଦ୍ରାବତୀନଗରରେ ପାଇପ ସଂଯୋଗ ହୋଇଥିଲେ ସୁଦ୍ଧା ଜଳ ଯୋଗାଣ ହୋଇ ନଥିବାରୁ ପ୍ରତି ଘର କୁ ଜଳ ଯୋଗାଣ ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି। ଅପରପକ୍ଷେ ଶୌଚ ପାଇଁ ମାଁ ଭଉଣୀ ବାହାରକୁ ଯିବାକୁ ବାଧ ହେଉଛନ୍ତି। ଏଠାରେ ସ୍ୱଚ୍ଛ ଭାରତ ଯୋଜନା ମଧ ବିଫଳ ହୋଇଛି। ପଦ୍ମପୁରରେ ନୂଆ ଜନସ୍ୱାସ୍ଥ୍ୟ ଅଧିକାରୀ ଯୋଗ ଦେବା ପରେ ଲୋକ କିଛି ପରିବର୍ତ୍ତନ ଆଶା ରଖିଥିଲେ କିନ୍ତୁ ଆଶାନୁରୂପ କିଛି ହୋଇନାହିଁ। ପାଇପ ସଂଯୋଗ କାହାସ୍ୱାର୍ଥରେ ବୋଲି ଲୋକେ ଆଲୋଚନା କରୁଛନ୍ତି। ତେଣୁ ତୁରନ୍ତ ଜଳ ଯୋଗାଣ ପାଇଁ ଚନ୍ଦ୍ରାବତୀନଗରବାସୀ ଦାବୀ କରିଛନ୍ତି। ଅନ୍ୟଥା ପଦ୍ମପୁର ସହରରେ ବିରାଟ ଆନ୍ଦୋଳନ ପାଇଁ ପଡ଼ାବାସୀ ଚେତାବନୀ ଦେଇଛନ୍ତି।

# ସେନାରେ ଯୋଗଦେଇ ପ୍ରଥମ ଥର ଗାଁକୁ ଆସିଥିବା ଯବାନଙ୍କୁ ସ୍ୱାଗତ



**ପଦ୍ମପୁର, ୨୯ ।୪ (ସମିସ):** ୨୦୨୪ରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଫୋର୍ସରେ ଗତ ଅଗଷ୍ଟ ମାସରେ ଚୟନ ହୋଇଥିବା ସରେଇକେଲା ଗାଁ ର ଝିଅ ଦୀପାଞ୍ଜଳି ବରିହା ସେନା ବାହିନୀରେ ଯୋଗଦାନ ପରେ ଗାଁ କୁ ପ୍ରଥମ ଥର ଆଜି ଆସିଥିବା ବେଳେ ଗ୍ରାମବାସୀ ପାଦ ଧୋଇ ଫୁଲ ଚନ୍ଦନ ଦେଇ ଭବ୍ୟ ସମ୍ବର୍ଦ୍ଧନା ଦେଇଛନ୍ତି। ଅଖ୍ୟାତ ପଲ୍ଲୀ ସରେଇକେଲାରେ ଜନ୍ମ ନେଇ କଠୋର ପରିଶ୍ରମ ଓ ନିଷ୍ଠା ଫଳରେ ସଫଳତା ସହ ଉତୀର୍ଣ୍ଣ ହୋଇ ସେନାରେ ଯୋଗଦେଇ ଦୀପାଞ୍ଜଳି ଜନ୍ମମାଟିର ଗର୍ବ ଓ ଗୌରବ ସାଜିଥିବା ସହ ନାରୀ ସଶକ୍ତିକରଣରେ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ବାର୍ତ୍ତା ବହନ କରୁଛନ୍ତି। ଜନ୍ମମାଟି କୁ ପହଁଞ୍ଚିବା ପରେ ଗ୍ରାମବାସୀ ଜୟ ଯବାନ ଓ ଭାରତ ମାତାକି ଜୟ ନାରା ଦେଇ ଗାଁ ର କୀର୍ତ୍ତନ ଦଳ ସହ ଦୀପାଞ୍ଜଳିଙ୍କୁ ଘର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

# କୃଷକ ସଂଗଠନର ହସ୍ତକ୍ଷେପ; ମଇ ୫ ପର୍ଯ୍ୟନ୍ତ କେନାଲ ପାଣି ଯୋଗାଣ ହେବ

**ବରଗଡ଼, ୨୯।୪(ସମିସ)**

ଜିଲ୍ଲାରେ ଆଗାମୀ ମଇ ପହିଲାରୁ କେନାଲ ଜଳଯୋଗାଣ ବନ୍ଦ କରାଯିବା ନେଇ ସୂଚନା ମିଳିବା ପରେ ସୋମବାର ଏହାକୁ ନେଇ କୃଷକ ସଂଗଠନ ତରଫରୁ ହସ୍ତକ୍ଷେପ କରାଯାଇଥିଲା। ଏହି ପରିପେକ୍ଷୀରେ ଅତାବିରା, ଭେଡେନ, ବରଗଡ଼ ଠାରେ କୃଷକ ସଂଗଠନ ତରଫରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆଲୋଚନା କରାଯାଇଥିଲା। ପରେ ବିଭାଗୀୟ ଅଧିକାରୀ ମଇ ପହିଲା ପରିବର୍ତ୍ତେ ମଇ ୫ ତାରିଖରୁ ଜଳଯୋଗାଣ ବନ୍ଦ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବରଗଡ଼ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ସମସ୍ୟା ଚାଷୀଙ୍କ ପିଛା ଛାଡୁନି। ଏହିକ୍ରମରେ ଚଳିତ ରବି ଋତୁରେ ଚାଷ ଆରମ୍ଭରୁ କେନାଲ ପାଣି ସମସ୍ୟା ଦେଖିବାକୁ ମିଳିଥିଲା। ହୀରାକୁଦ କମାଣ୍ଡ ଅଞ୍ଚଳ ସମ୍ବଲପୁର, ବରଗଡ଼, ସୋନପୁରରେ ହଜାର ହଜାର ଏକର ଜମି ଧାନ ଚାଷ ହୋଇଥାଏ। ଅନ୍ୟ ବର୍ଷ ମାନଙ୍କରେ ମଇ ୧୦ ତାରିଖ ପର୍ଯ୍ୟନ୍ତ ପାଣି ଛଡାଯାଉଥିବା ବେଳେ ଚଳିତ ବର୍ଷ କେନାଲ ବିଭାଗ ତରଫରୁ ମଇ୧ ତାରିଖ ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ କେନାଲ ପାଣି ବନ୍ଦ



କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅପରପକ୍ଷେ ବର୍ତ୍ତମାନ ବରଗଡ଼ ଅତାବିରା, ବରଗଡ଼, ଭେଡେନ ଏବଂ ବରପାଲି ବ୍ଲକରେ ଧାନ ଚାଷ ୨୦ ପ୍ରତିଶତ ପାଚି ଅମଳ ଅବସ୍ଥାରେ ଥିବାବେଳେ ୩୦ପ୍ରତିଶତ ଧାନ ଏବେ କେଣ୍ଡା ବାହାରୁଛି। ଯେଉଁଥିପାଇଁ ଆହୁରି ୧୫ ଦିନ ପାଣି ଦରକାର ପଡ଼ିବ। ଚାଷୀମାନେ କହିବା ଅନୁସାରେ ଚଳିତ ବର୍ଷ କେନାଲ ପାଣି ବିଳମ୍ବ ରେ ଛାଡ଼ିବା କାରଣରୁ ଏବଂ ଶ୍ରମିକ ସମସ୍ୟା ଯୋଗୁଁ ଧାନ ଚାଷ ମଧ ବିଳମ୍ବ ହୋଇଛି। ଏଣୁ ପାଣି ବନ୍ଦ କରିଦେଲେ ବହୁ ଚାଷୀଙ୍କ ହଜାର ହଜାର ଏକର ଫସଲ ପ୍ରଭାବିତ ହେବ। ସେଥିପାଇଁ ବୀରେନ୍ଦ୍ର କର ଓ ସୁରେଶ କର୍ଣ୍ଣଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ଶହ ଶହ କର୍ମୀ ଅତାବିରା ତହସିଲଦାରଙ୍କୁ ପାଣି ବନ୍ଦ ନକରିବାକୁ ଲିଖିତ ଭାବେ ନିବେଦନ କରିଥିଲେ। ସେହିପରି ଭେଡେନ ବ୍ଲକ ଚାଷୀ ସଂଗଠନର ସଦସ୍ୟ ଚୂଡ଼ାମଣି ଛନ୍ଦ, ଉପେନ୍ଦ୍ର ଭୋଇ, ଚଇନୁ ବାଗ, ଘାସିରାମ କର୍ମୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଏ ନେଇ ଜଣାଇଥିଲେ। ସେହିପରି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ତପନ ମିଶ୍ର, ପ୍ରଶାନ୍ତ ସାହୁ ବରଗଡ଼ ମୁଖ୍ୟ କେନାଲ ପରିଚାଳକ ମୋହନ ସେଠିଙ୍କୁ ଭେଟି ମଇ ୧୦ ତାରିଖ ପର୍ଯ୍ୟନ୍ତ କେନାଲ ପାଣି ଯୋଗାଣ ପାଇଁ ଦାବି ଜଣାଇଥିଲେ। କେନାଲ ମୁଖ୍ୟ ପରିଚାଳକ ମୋହନ ସେଠି ଉପରିସ୍ଥ ଅଧିକାରୀ ମାନଙ୍କ ସହିତ କଥା ହୋଇ ମଇ ୫ ପର୍ଯ୍ୟନ୍ତ କେନାଲ ପାଣି ଯୋଗାଣ ବଳବତ୍ତର ରଖିବା ପାଇଁ ସମ୍ମତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସରଳା, ଜାମପାଲି ଗ୍ରାମର ପ୍ରମୋଦ ପଧାନ, ରାଜେଶ କର୍ଣ୍ଣ, ଖଗେଶ୍ୱର ମହାପାତ୍ର, କ୍ଷୀରୋଦ୍ର ବାରିକ, ସୁମନ୍ତ ଗଡ଼ୁଆ, ସିଆରାମ କର୍ଣ୍ଣ ସମେତ ବହୁଚାଷୀ ମଧ କେନାଲ ପାଣି ଦେବା ସମୟ ବୃଦ୍ଧି ପାଇଁ ଦାବି କରିଥିଲେ।

# ବରଗଡ଼ ରାଜନୀତି ପାଣିପାଗ; ପାରା ଗରମ, ପ୍ରଚାର ଥଣ୍ଡା

**ବରଗଡ଼, ୨୯।୪(ସମିସ):** ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଗତ ଶୁକ୍ରବାରରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଯାଇଥିଲେ ମଧ ଗ୍ରୀଷ୍ମ ପ୍ରବାହ ଯୋଗୁଁ ମାହୋଲ ସମ୍ପୂର୍ଣ୍ଣ ଥଣ୍ଡା ରହିଛି। ଏପରିକି ପ୍ରଥମ ଦିନରେ ଲୋକସଭା ପାଇଁ ଜଣେ, ବିଧାନସଭା ପାଇଁ ୪ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ସେହିପରି ସୋମବାର ୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀ ପତ୍ର ଦାଖଲ ସମୟରେ ଦଳୀୟ ପ୍ରାର୍ଥୀମାନଙ୍କର ସମର୍ଥକଙ୍କ ଉତ୍ସାହ ଯେଉଁ ପରିମାଣରେ ଦେଖାଯିବା କଥା ତାହା ଆଦୌ ଦେଖାଯାଉନାହିଁ। ପ୍ରଥମ ଦିନରେ ବିଜେପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପାଇଁ ପ୍ରାର୍ଥୀ ହୋଇଥିବା କିଶୋର ଦଫାଦାରଙ୍କ ହଜାର ହଜାର ସମର୍ଥକ ସ୍ଥାନୀୟ ଲୋକମଣ୍ଡପ ପଡ଼ିଆଠାରେ ପ୍ରଥମ ଦିବସରେ ପ୍ରାର୍ଥୀ ପତ୍ର ଦାଖଲ କରିବା ପାଇଁ ପହଞ୍ଚିଥିଲେ। ମାତ୍ର ଦିନ ୧୨ ଟାରେ ତାଙ୍କର ଶୋଭାଯାତ୍ରା ଆରମ୍ଭ ହୋଇଥିବାରୁ ୪୦ ଡିଗ୍ରୀ ତାପମାତ୍ରାରେ ଏଥିରୁ ଅଧିକାଂଶ ସମର୍ଥକ ରାଲିରେ ଯାଇ ନଥିଲେ। ଲୋକମଣ୍ଡପ ପଡ଼ିଆରୁ ବିଜେପୁର ପାଇଁ ପ୍ରାର୍ଥୀପତ୍ର ଦାଖଲ ହେଉଥିବା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଏକ କିଲୋମିଟରରୁ ଅଧିକ ଥିବାରୁ ବହୁ ସମର୍ଥକ ଶୋଭାଯାତ୍ରା ବଦଳରେ ଗାଡ଼ିରେ ଯିବାକୁ ପସନ୍ଦ କରିଥିଲେ। ଅନ୍ୟ ପକ୍ଷରେ ପ୍ରଚାର ରାଲି ଗୁଡ଼ିକ ଆଉ ଦିନ ବେଳା କରିବାକୁ କୌଣସି ପ୍ରାର୍ଥୀ ଉଚିତ ମଣୁ ନାହାନ୍ତି। ଅରେଞ୍ଜ ଓ ରେଡ ୱାର୍ଣ୍ଣ ସହ ସଂଗ୍ରାମ କରୁଥିବା ବରଗଡ଼ ଜିଲ୍ଲାରେ ଦିନ ୧୦ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ବାହାରକୁ ବାହାରିବା ମଧ ସମ୍ଭବ ହେଉନାହିଁ। ତେଣୁ ପ୍ରାର୍ଥୀମାନେ ବାଧ ହୋଇ ନିଜର ପ୍ରଚାରକୁ ସଂଧାରେ ଆରମ୍ଭ କରି ମଧ୍ୟରାତ୍ର ପର୍ଯ୍ୟନ୍ତ ଏହାକୁ ଜାରି ରଖୁଛନ୍ତି। ବରଗଡ଼ ସହରର ତାପମାତ୍ରା ରବିବାର ଦିନ ୪୨ ଡିଗ୍ରୀ ଟପି ଥିବାବେଳେ ଆସନ୍ତା ସପ୍ତାହ ସାରା ମଧ ସବୁଦିନ ପ୍ରାୟ ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ପାଣିପାଗ ବିଭାଗର ରିପୋର୍ଟରୁ ଜଣାପଡୁଛି। ତେଣୁ ଏଥିରେ କୌଣସି ପରିବର୍ତ୍ତନ ନ ହେଲେ ଏଥର ପ୍ରଚାର କାର୍ଯ୍ୟ ବେଶ ଧିମେଇ ଯିବ ବୋଲି ଆଶା କରାଯାଉଛି।

# ପ୍ରଚଣ୍ଡ ଖରାରେ ତାଳସଜ ଚାହିଦା

ସମ୍ବଲପୁର, ୨୯।୪(ସମିସ)

ବର୍ଷର କେବଳ ଗୋଟିଏ ଋତୁରେ ହିଁ ମିଳିଥାଏ ତାଳସଜ। ପ୍ରଚଣ୍ଡ ଖରା ତାତିବେଳେ ତାଳସଜ କାହାକୁ ବା ଆକର୍ଷଣ ନ କରେ। ଲୋକେ ଏଥିପାଇଁ ହିଁ ଅପେକ୍ଷା କରିଥାନ୍ତି ଖରାଦିନକୁ। ତେଣୁ ସମ୍ବଲପୁର ସହରରେ ମେଲିଛି ତାଳସଜ ପସରା। ଜନଗହଳିପୂର୍ଣ୍ଣ ଛକରେ, ରାସ୍ତାକଡ଼ରେ ତାଳସଜ ବେପାରୀମାନେ ଖରାରେ ବସିଛନ୍ତି ଓ ଗ୍ରାହକଙ୍କୁ ତାଳସଜ ଖୁଆଉଛନ୍ତି। ପ୍ରଚଣ୍ଡ ଖରାରେ ଲୋକେ ଫଳରସ, ଥଣ୍ଡାପାନୀୟ, ଦହି ଓ ଲସି ଭଳି ପାନୀୟ ପ୍ରତି ଆଗ୍ରହ କରନ୍ତି। କିନ୍ତୁ ଏମାନଙ୍କ ସହ ତାଳସଜର ଆଦର ରହିଛି। ଗରିବ ବେପାରୀମାନେ ରାଜପଥ କଡ଼ରେ ବସି ଏହାକୁ ବିକୁଥିଲେ ବି ତାଳସଜର ଗ୍ରାହକଙ୍କ ଭିଡ ଲାଗି ରହିଥାଏ। ଅଦିନିଆ ଫଳ ଓ କଅଁଳ ସୁଆଦିଆ ରସ ଖାଇବାକୁ ଦାମୀ ଲୋକଙ୍କ ଭିଡ଼ ଜମେ ଏହି ଗରିବ ବେପାରୀଙ୍କ ପାଖରେ। ମାତ୍ର ଦେଢ଼ମାସର ବେପାର। ଗରିବମାନଙ୍କ ଏକ ପ୍ରମୁଖ ରୋଜଗାର ମାଧ୍ୟମ ହୋଇଥାଏ ତାଳସଜ। ସମ୍ବଲପୁର ଜିଲ୍ଲାରେ ତାଳଗଛ ବିଶେଷ ନ ଥିବାବେଳେ ପଡ଼ୋଶୀ ଜିଲ୍ଲାରୁ ତାଳସଜ



ବେପାରୀମାନେ ଆସି ପସରା ଖୋଲି ବିକ୍ରି କରନ୍ତି। ସହରରୁ ଟ୍ରକ୍ ଓ ବସ୍ ଯୋଗେ ତାଳସଜ ସହରକୁ ଆସିଥାଏ। କଷ୍ଟରେ ଉଚ୍ଚ ଉଚ୍ଚ ତାଳଗଛରୁ ସ୍ଥାନୀୟ ଲୋକେ ତାଳକାନ୍ଧି କାଟି ବିକ୍ରି ପାଇଁ ଆ।ଣିଥିବା ବ୍ୟବସାୟୀ ମାନେ କହିଛନ୍ତି। ଗୋବିନ୍ଦତୋଲାରେ ବସିଥିବା ବେପାରି କହିଛନ୍ତି, ପ୍ରଚଣ୍ଡ ଖରାରେ କଅଁଳ ତାଳସଜର ବେଶ ଚାହିଦା ରହିଛି। ଗୋଟିକୁ ୧୦ ଟଙ୍କା ପୂର୍ବରୁ ୬ଟି ତାଳ ସଜକୁ ୫୦ ଟଙ୍କାରେ ଦରରେ ବିକ୍ରି କରୁଛନ୍ତି। ବଡ଼ ତାଳର ମୂଲ୍ୟ ଗୋଟାକୁ ୨୦ ଟଙ୍କା ମଧ୍ୟ ବିକ୍ରି ହେଉଛି। ଆଉ ଏଥିରୁ ଦୈନିକ ୫୦୦ରୁ ୮୦୦ ଟଙ୍କା ରୋଜଗାର ମଧ୍ୟ କହିଛନ୍ତି। ତାଳସଜରେ ଜଳୀୟ ଅଂଶ ଅଧିକ ଥିବାରୁ ଖରାଦିନେ ଏହା ଦେହ ପାଇଁ ବେଶ ଉପକାରୀ। ଆଉ ତାଳ ଏକ ଋତୁକାଳୀନ ଜଙ୍ଗଲି ଫଳ ହୋଇଥିବାରୁ ଏହାକୁ କିଣିବା ଓ ଖାଇବା ଲାଗି ସହରୀ ମଣିଷଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଲାଗିଥାଏ। ଜଙ୍ଗଲରେ ଥିବା ତାଳଗଛ ଗୁଡିକୁ ବର୍ଷତମାମ ବ୍ୟବହାର କରନ୍ତି ଜନଜାତି ମଣିଷ। ତାଳସଜ ପରେ ପାଚିଲା ତାଳର ମଧ୍ୟ ବେଶ ଚାହିଦା ରହିଛି। ଏଥିସହିତ ଦିନେ ତାଳଗଛ ରସ ବା ତାଡ଼ିକୁ ସଂଗ୍ରହ କରି ଆଦିବାସୀମାନେ ଏହାକୁ ମୃଦୁ ନିଶାଦ୍ରବ୍ୟ ଭାବେ ସେବନ କରି ଆମୋଦ ପ୍ରୋମଦ କରନ୍ତି। ଆଉ ବର୍ଷାଦିନେ ତାଳପତ୍ରରୁ ଘର ଛପର କରି ସେଥିରେ ବର୍ଷତମାମ ମୁଣ୍ଡ ଗୁଞ୍ଜିବା ସହ ପ୍ରକୃତି ସହିତ ସରଳ ଜୀବନଯାପନ କରନ୍ତି ବନବାସୀ।

## ସମ୍ବଲପୁରରେ କୋର୍ଟ ଫି' ଓ ଷ୍ଟାମ୍ପ୍ ପେପର ଅଭାବ




**ସମ୍ବଲପୁର, ୨୯।୪(ସମିସ):** ସମ୍ବଲପୁରରେ ଟଙ୍କିଆ ଓ ଦୁଇଟଙ୍କିଆ କୋର୍ଟ ଫି'ର ଘୋର ଅଭାବ ଦେଖାଯାଇଛି। ଏଥିସହ ବହୁ ମାସ ହେବ ୧୦ଟଙ୍କିଆ ଷ୍ଟାମ୍ପ ପେପର ମଧ୍ୟ ମିଳୁନାହିଁ। ଏଥିପାଇଁ ଜନସାଧାରଣ ବହୁ ଅସୁବିଧା ଭୋଗୁଛନ୍ତି। ଏ ପ୍ରସଙ୍ଗରେ ବିଏସ୍‌ପି ଓ ଆପ୍ କର୍ମକର୍ତ୍ତା ସମ୍ବଲପୁର ଜିଲ୍ଲା କୋଷାଗାର କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ଜିଲ୍ଲା ବିଏସ୍‌ପି ସଭାପତି ଦିଲ୍ଲୀପ କୁମାର ସିଂଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳରେ ଆପ୍ ଜିଲ୍ଲା ସଭାପତି ଲାଲମଣି ଲୁଗୁନ ମଧ୍ୟ ଉପସ୍ଥିତ ଥିଲେ। ବିଶେଷ କରି ବହୁମାସ ହେବ ସମ୍ବଲପୁରରେ ଏକ ଟଙ୍କିଆ ଓ ଦୁଇଟଙ୍କିଆ କୋର୍ଟ ଫି' ମିଳୁ ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହ ସମ୍ବଲପୁରରେ ୧୦ଟଙ୍କିଆ ଷ୍ଟାମ୍ପ ପେପର ଅଭାବ ଦେଖାଦେବାରୁ ବହୁ ଲୋକଙ୍କ ସମସ୍ୟା ହେଉଛି। ଏହି ଉଭୟ ସମସ୍ୟା ପ୍ରସଙ୍ଗରେ ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଏହା ଉପରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରାଯାଇଛି।

### ଝାରସୁଗୁଡାରୁ ବୁର୍ଲା ଚାଲାଣ ହେଉଥିଲା

# ଅବକାରି ବିଭାଗ ପକ୍ଷରୁ ୧୮୦୦ ବୋତଲ ବିଅର ଜବତ

**ସମ୍ବଲପୁର, ୨୯।୪ (ସମିସ):** ଝାରସୁଗୁଡ଼ା ଜିଲ୍ଲାରୁ ସମ୍ବଲପୁର ଶିକ୍ଷାନଗରୀ ବୁର୍ଲାକୁ ଚୋରାଚାଲାଣ ହେଉଥିବା ୧୮୦୦ବୋତଲ (୧୧୦୦ ଲିଟର) ବିଅର ସମ୍ବଲପୁର ଅବକାରୀ ବିଭାଗ ଜବତ କରିଛି। ଏହି ଘଟଣାରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିଛି। ସେମାନେ ହେଲେ ଝାରସୁଗୁଡ଼ା ୫ଣ୍ଡାଛକର ମନୋଜ ଡିଲା, ବୁର୍ଲା ତେଲଗୁପଡ଼ାର ନିରୋଜ





ଦଲେଇ ଓ ବିଷ୍ଣୁମଲ୍ଲିକପଡ଼ାର ଜିତେନ୍ଦ୍ର ସାହା। ସେମାନେ ବ୍ୟବହାର କରିଥିବା ପିକ୍‌ଅପ (ଓଡି ୨୩-ଏଫ ୨୩୦୧)କୁ ମଧ୍ୟ ଜବତ କରିଛି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଏହା କୁଚିଆମାନଙ୍କ ପାଖକୁ ଆସୁଥିଲା। ସବୁ ବିଦେଶୀ ମଦ କାହାର କାହିଁକି ସମ୍ବଲପୁରକୁ ଝାରସୁଗୁଡ଼ାକୁ ଆସିଲା। କେଉଁମାନଙ୍କ ସମ୍ପୃକ୍ତି ରହିଛି ସବୁ ତଦନ୍ତ କରାଯିବ ବୋଲି ଡେପୁଟି ସୁପରିନଟେଣ୍ଡେଣ୍ଟ ଅସୀତ କୁମାର ମଲ୍ଲିକ କହିଛନ୍ତି। ସେ ଆହୁରି କହିଛନ୍ତି, ଗତକାଲି ପାଟ୍ରୋଲିଂ କରୁଥିବା ସମୟରେ ଲକ୍ଷ୍ମୀଡୁଙ୍ଗୁରୀ ନିକଟରେ ପିକ୍‌ଅପ୍ ଉପରେ ସନ୍ଦେହ କରାଯାଇଥିଲା। ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ବ୍ୟାପକ ମାତ୍ରାରେ ବିଭିନ୍ନ କମ୍ପାନୀର ବିଅର ବୋତଲ ରହିଥିଲା। ଗାଡ଼ି ଚାଳକଙ୍କ ସୂଚନା ଅନୁସାରେ ବୁର୍ଲାରେ ମଧ୍ୟ ଚଢଉ କରାଯାଇଥିଲା। ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ଥିବା ନେଇ ଜଣାପଡୁଛି। ଝାରସୁଗୁଡ଼ା ଅବକାରୀ ବିଭାଗର ସହଯୋଗ ନିଆଯାଇଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ୨୬ ତାରିଖ ଦୁଇଦିନ ତଳେ ଚୋରା ନିଶାକାରବାରକୁ ନେଇ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ନିର୍ବାଚନ ସମୟରେ ନକଲି ଓ ଚୋରା ନିଶା କାରବାର ବୃଦ୍ଧି ହୋଇଥିବା ରିପୋର୍ଟ ରହିଥିଲା। ଦିନକ ପରେ ଗତକାଲି ଅବକାରୀ ବିଭାଗ ତତ୍ପରତା ପ୍ରକାଶ କରି ଚଢଉ କରିଥିଲା। ଗୋଟିଏ ଗାଡ଼ି ନୁହେଁ ସମ୍ବଲପୁର ଜିଲ୍ଲାକୁ ପଡ଼ୋଶୀ ଜିଲ୍ଲାରୁ ପ୍ରତିଦିନ ଗାଡ଼ିରେ ଚୋରା ବିଦେଶୀ ଓ ଦେଶୀ ମଦ ଚାଲାଣ ହେଉଛି। ଏଥିରେ ସମ୍ବଲପୁର ଜିଲ୍ଲାର ରାଜସ୍ୱହାନୀ ହେଉଛି। ନିର୍ବାଚନ ସମୟରେ ବାଣ୍ଟିବାକୁ ବ୍ୟାପକ ମାତ୍ରାରେ ଏଭଳି ମଦ ଆସି ବିଭିନ୍ନ ସ୍ଥାନରେ ରଖାଯାଇଥିବା ମଧ୍ୟ ଅଭିଯୋଗ ହେଉଛି।

ସକାଳ ପ୍ରଭାବ

## ଭାରତ ବିକାଶ ପରିଷଦ ହୀରାକୁଦ ଶାଖାର ଶପଥ ଗ୍ରହଣ ସମାରୋହ



**ହୀରାକୁଦ, ୨୯।୪(ସମିସ):** ଭାରତ ବିକାଶ ପରିଷଦ ହୀରାକୁଦ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ହୀରାକୁଦ ଶାଖାର ବର୍ଷ ୨୦୨୪-୨୫ର ସଦସ୍ୟ/ସଦସ୍ୟା ମାନଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଛି। ସଙ୍ଗଠନ ସମ୍ପାଦକ ସରୋଜ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତ ବିକାଶ ପରିଷଦ ପଶ୍ଚିମ ପ୍ରାନ୍ତର ମହିଳା ଓ ବାଳ ବିକାଶ ସଚିବ ରଶ୍ମିରେଖା ଜେନା ମୁଖ୍ୟବକ୍ତା ଓ ଶ୍ରୀନିବାସ ପଣ୍ଡା ମୁଖ୍ୟଅତିଥି ଭାବରେ ଉପସ୍ଥିତି ଥିଲେ। ସଭାପତି ବ୍ରହ୍ମାନନ୍ଦ ସାହୁ ହୀରାକୁଦ ଶାଖାର ବିବରଣୀ ପ୍ରଦାନ କରିଥିଲେ। ସରୋଜ କୁମାର ଆଚାର୍ଯ୍ୟ ସ୍ୱାଧୀନତା ସଂଗ୍ରାମୀ, କବି, ଦେଶପ୍ରେମୀ ସ୍ୱର୍ଗତ ମଧୁସୂଦନ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ଓ ହୀରାକୁଦ ଶାଖାର ରୂପରେଖ ବିସ୍ତାର ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାରତ ବିକାଶ ପରିଷଦ ୫-ଟି ସ୍ତମ୍ଭ- ସଂସ୍କାର, ସେବା, ସହଯୋଗ, ସମ୍ପର୍କ ଓ ସମର୍ପଣ ତଥା ପରିଷଦର ଲକ୍ଷ୍ୟ, ଦାୟିତ୍ୱ ଓ ସଦସ୍ୟ/ ସଦସ୍ୟା ମାନଙ୍କର କର୍ତ୍ତବ୍ୟ ଉପରେ ବିସ୍ତୃତ ବିବୃତି ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଦେଶ ଓ ଜାତି ପାଇଁ ଆମ ସମସ୍ତଙ୍କର ଆବଶ୍ୟକତା ବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ସମସ୍ତ ସଭ୍ୟ/ସଭ୍ୟା ମାନଙ୍କୁ ପଦ ଓ ଦାୟିତ୍ୱର ଶପଥପାଠ କରାଇଥିଲେ। ନିକଟରେ ହୋଇଥିବା ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀ (୨୮ଜଣ) ଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ବିପିନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

## ନଗେନ୍ଦ୍ର ପ୍ରାର୍ଥୀ ହେବାପରେ କଂଗ୍ରେସ ମହଲରେ ଉତ୍ସାହ

**ସମ୍ବଲପୁର, ୨୯।୪(ସମିସ):** ଆଜି ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ କଂଗ୍ରେସ କର୍ମୀମାନେ ସମ୍ବଲପୁର ଲୋକସଭା କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର କୁମାର



ପ୍ରଧାନଙ୍କ ପ୍ରାର୍ଥିତ୍ୱକୁ ସ୍ୱାଗତ କରିଥିଲେ। ତାଙ୍କ ପ୍ରାର୍ଥିତ୍ୱକୁ ନେଇ କର୍ମୀ ମହଲରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। କର୍ମୀମାନେ ଏକ ସ୍ୱରରେ ନଗେନ୍ଦ୍ର ପ୍ରଧାନଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ଶପଥ ନେଇଥିଲେ। ଫୋଟକା ଫୁଟାଇବା ସହିତ ମିଠା ବାଣ୍ଟି ଖୁସି ବ୍ୟକ୍ତ କରିଥିଲେ। ଜିଲ୍ଲା ସଭାପତି ଜୟ ଶଙ୍କର ମିଶ୍ରଙ୍କ ସମେତ ବରିଷ୍ଠ କଂଗ୍ରେସ କର୍ମୀ ଅମରେନ୍ଦ୍ର ରାୟଗୁରୁ, ନିରଞ୍ଜନ ତ୍ରିପାଠୀ, ଗୋବିନ୍ଦ ମିଶ୍ର, ମହିଳା କଂଗ୍ରେସ ସଭାପତି ବିଜୟ ଲକ୍ଷ୍ମୀ ବେହେରା, ମୋହନ ସାହା, ସଞ୍ଜୟ ନାୟକ, ଗୀତା ନାଗ, ଅଭିରାମ ପଟେଲ, ସଞ୍ଜୟ ନାୟକ, ସଚ୍ଚିଦାନନ୍ଦ ତ୍ରିପାଠୀ, ଏମଡି ଜୁବେର, ରାଜକିଶୋର ହୋଣ୍ଡା, ଏମଡି ସାକୁ, ସୀମା ମହିସା, ରୁବି ମନ୍ଦୋଦରୀ, ସାବିତ୍ରୀ କୁମୁରା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ଆଜି

**ସମ୍ବଲପୁର, ୨୯।୪(ସମିସ):** ଦେଶରେ ୭ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ୬ଷ୍ଠ ପର୍ଯ୍ୟାୟରେ ଆସନ୍ତା ମେ ୨୫ତାରିଖ ସମ୍ବଲପୁର ଲୋକସଭା ମତଦାନ ହେବ। ଆସନ୍ତାକାଲି ବିଜେଡି ପ୍ରଥମେ ନାମାଙ୍କନ ପତ୍ର ଦାଖଲ କରିବ। ସମ୍ବଲପୁର ଲୋକସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ରେଙ୍ଗାଲି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲ ଓ ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ନାମାଙ୍କନ ପତ୍ର ଦାଖଲ କରିବାକୁ ସ୍ଥିର ହୋଇଛି। ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହାସହ ସୁରକ୍ଷା ଉପରେ ମଧ୍ୟ ପୁଲିସ ନଜର ରଖିଛି। ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି କହିଛନ୍ତି ଯେ, ନାମାଙ୍କନପତ୍ର ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଆଜି ପ୍ରଥମ ଦିନ ରହିଥିଲା। କେହି ଜଣେ ମଧ୍ୟ ଜିଲ୍ଲାରେ ନାମାଙ୍କନ ଦାଖଲ କଲେ ନାହିଁ। ଆବେଦନ ଫର୍ମ ନେଇଛନ୍ତି। ଆସନ୍ତାକାଲି ନାମାଙ୍କନ କରିବେ। ସୁରକ୍ଷା



ବ୍ୟବସ୍ଥା ନେଇ ବ୍ୟାପକ ପୁଲିସ ମୁତୟନ ରହିଛନ୍ତି। କେଉଁ ରାସ୍ତାରେ ଶୋଭାଯାତ୍ରା ହେବ ସେ ନେଇ ନିର୍ଦ୍ଧାରଣ କରାଯାଇଛି। ନାମାଙ୍କନ କରିବା ସମୟରେ ପ୍ରାର୍ଥୀ ମାନଙ୍କ ସହିତ ୪ ଜଣ ମାତ୍ର ଅଫିସ୍‌କୁ ଆସିପାରିବେ। ୪ ବିଧାନ ସଭା ଓ ଲୋକସଭା ପାଇଁ ସ୍ୱତନ୍ତ୍ର ଅଧିକାରୀ ମାନେ ନିୟୋଜିତ ରହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ବ୍ୟାରିକେଡ ବ୍ୟବସ୍ଥା, ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ଆରଓ ଓ ଅତିରିକ୍ତ ଆରଓ ଦୁଇ ଜଣ ଅଧିକାରୀ ରହିଛନ୍ତି। ଦଳର ସମସ୍ତ ଛାମୁଁଆ ସଂଗଠନ ଯଥା ଛାତ୍ର ଓ ଯୁବ ବିଜେଡି ଏବଂ ମହିଳା ବିଜେଡି ସମେତ କୃଷକ ବିଜେଡି ଓ ଅନ୍ୟାନ୍ୟ ସଂଗଠନକୁ ନେଇ ବଡ ପଟୁଆରରେ ନାମାଙ୍କନ କରିବାକୁ ସ୍ଥିର ହୋଇଛି।

- ପ୍ରଥମ ଦିନରେ ଜିଲ୍ଲାରେ ନାମାଙ୍କନ ଶୂନ
- ପ୍ରାର୍ଥୀଙ୍କ ସହିତ ୫ ଜଣ ରହିବେ

## ଗାଡ଼ି ଦୁର୍ଘଟଣା, ୧ ଆହତ

**ସମ୍ବଲପୁର, ୨୯।୪(ସମିସ):** ଆଜି ରେଙ୍ଗାଲି ଅଞ୍ଚଳର ଏକ ମେଲୋଡି ଗାଡି ବରଯାତ୍ରୀରେ ଯୋଗଦେବା ପାଇଁ ବାହାରିଥିଲା। ତେବେ ଉକ୍ତ ମେଲୋଡି ଟ୍ରକ ଉପରେ କିଛି ଯୁବକ ବସି ଛତିଶଗଡ଼ ଯାଉଥିଲେ। ସମ୍ବଲପୁର ନିକଟରେ ଟ୍ରକ ଉପରେ ବସିଥିବା ଜଣେ ଯୁବକ ଟ୍ରକ ତଳକୁ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିଲା। ସେପଟେ ମେଲୋଡି ଟ୍ରକ୍‌ଟି କିପରି ଏତେ ମାତ୍ରାରେ ଲୋକଙ୍କୁ ଟ୍ରକ୍ ଉପରେ ବସାଇଥିଲା ତାକୁ ନେଇ ପ୍ରଶ୍ନ ଉଠିଛି।

## ମଦ ଜବତ, ୧ ଗିରଫ

**ସମ୍ବଲପୁର, ୨୯।୪(ସମିସ):** ପରଧିଆପାଲିଠାରେ ଅବକାରୀ ବିଭାଗ ୧୬ ଲିଟର ବେଆଇନ ଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ ଆଜି ଦିନ ପ୍ରାୟ ୧୧ ଟା ସମୟରେ ପରଧିଆପାଲି ଅଞ୍ଚଳରେ ବେଆଇନ ମଦ କରବାର ହେଉଥିବାର ଅବକାରୀ ବିଭାଗ ଖବର ପାଇଥିଲା। ତୁରନ୍ତ ଘଟଣାସ୍ଥଳରେ ଅବକାରୀ ବିଭାଗର ମୋବାଇଲ ସ୍କାର୍ଡ ଚଢ଼ାଉ କରିଥିଲା। ଆଜି ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଥିଲା।

## କଂଗ୍ରେସରୁ ଇସ୍ତଫା ଦେଲେ ଦୁଲାଲ ଚନ୍ଦ୍ର ପ୍ରଧାନ

**ସମ୍ବଲପୁର, ୨୯।୪(ସମିସ):** କଂଗ୍ରେସ ଦଳ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ପରିବର୍ତ୍ତନ କରି ତାଙ୍କ ସ୍ଥାନରେ ପୂର୍ବତନ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ଗତକାଲି ନାମ ପରିବର୍ତ୍ତନ ହେବାପରେ ଦୁଲାଲ ଦଳରୁ ଇସ୍ତଫା ଦେଇଥିବା ନେଇ ଚର୍ଚ୍ଚା ହେଉଛି। ନଗେନ୍ଦ୍ରଙ୍କୁ ମହା ଲଢେଇରେ ଦଳ ସାମିଲ



କରିଛି। ହେଲେ ପ୍ରଥମରୁ ଦୁଲାଲଙ୍କ ନାମ ଘୋଷଣା ହୋଇଥିଲା। ନିଜ ସମର୍ଥକଙ୍କୁ ନେଇ ଦୁଲାଲ ପ୍ରଚାର ମଇଦାନରେ ଓହ୍ଲାଇଥିଲେ। ହେଲେ ପୁଣି ପରିବର୍ତ୍ତନ କରିବାରୁ ସେ କ୍ଷୋଭ ପ୍ରକାଶ କରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ସମସ୍ତ ପଦାଧିକାରୀଙ୍କୁ ଜଣାଇ ଦେଇଛନ୍ତି। ଅନ୍ୟପଟେ କ୍ରୀଡ଼ା ରାଜନୀତିରୁ ସିଧାସଳଖ ସାଧାରଣ ନିର୍ବାଚନୀ ମୈଦାନକୁ ଓହ୍ଲାଇଥିଲେ। ସମ୍ବଲପୁର ଜିଲ୍ଲା କ୍ରୀଡ଼ାସଂଘର ଉପସଭାପତି ଥିବାବେଳେ ସେ ଓଡ଼ିଶା ଅଲମ୍ପିକ ସଂଘ, ଓଡ଼ିଶା କ୍ରିକେଟ ସଂଘ ଆଦି ରାଜ୍ୟସ୍ତରୀୟ କ୍ରୀଡ଼ାନୁଷ୍ଠାନର ବିଭିନ୍ନ ପଦରେ ଦାୟିତ୍ୱ ନିର୍ବାହ କରିସାରିଛନ୍ତି। ଦୁଲାଲ ବହୁଦିନରୁ କଂଗ୍ରେସ ଦଳରେ ଥିବାବେଳେ ୨୦୦୯-୧୪ ପର୍ଯ୍ୟନ୍ତ ପୂର୍ବତନ ସାଂସଦ ଅମରନାଥ ପ୍ରଧାନଙ୍କ ପ୍ରତିନିଧି ଦାୟିତ୍ୱ ମଧ୍ୟ ରହିଥିଲେ। ସମ୍ବଲପୁର ଲୋକସଭାରେ ଉଭୟ ବିଜେପିରେ ଧର୍ମେନ୍ଦ୍ର ଓ ବିଜେଡିରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରାର୍ଥୀ ଅଛନ୍ତି।

### ଆଦର୍ଶ ଆଚରଣବିଧି ଉଲ୍ଲଂଘନ ରୋକିବା ପାଇଁ ଟିମ୍ ଗଠିତ

# ଫ୍ଲାଇଂସ୍କ୍ୱାଡ୍, ଷ୍ଟାଟିକ୍ ସର୍ଭିଲାନ୍ସ ଓ ଯୁଗ୍ମ ପ୍ରବର୍ତ୍ତନ ରହିଛନ୍ତି

ସମ୍ବଲପୁର, ୨୯।୪(ସମିସ)

ଅବାଧ ଓ ନିରପେକ୍ଷ ନିର୍ବାଚନ ଉଦ୍ଦେଶ୍ୟରେ ନିର୍ବାଚନ ପ୍ରକ୍ରିୟା ସମୟରେ ନିର୍ବାଚନ ମଣ୍ଡଳୀରେ ଅତ୍ୟଧିକ ପ୍ରଚାର ଓ ବେଆଇନ ପ୍ରଚାର ଖର୍ଚ୍ଚ, ମାଗଣା ସାମଗ୍ରୀ ବଣ୍ଟନ, ନଗଦ ଟଙ୍କା କିମ୍ବା କୈଣସି ପ୍ରକାରର ଲାଞ୍ଚ, ବେଆଇନ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ମଦ, ନିଶା ଦ୍ରବ୍ୟ କିମ୍ବା ଅସାମାଜିକ ତତ୍ତ୍ୱଙ୍କ ପରିବହନ ଉପରେ ନଜର ରଖିବା ପାଇଁ ନିର୍ବାଚନ କମିଶନ ୨୪ ଘଣ୍ଟିଆ ସ୍କ୍ୱାଡ୍ ଟିମ୍, ଷ୍ଟେଟିକ୍ ସର୍ଭିଲାନ୍ସ ଟିମ୍, ଯୁଗ୍ମ ପ୍ରବର୍ତ୍ତନ ଟିମ୍ ଏବଂ ଚେକ୍ ପୋଷ୍ଟ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ବାଚନ ଘୋଷଣା ପରେ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ୩ଟି ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ସମ୍ବଲପୁରରେ ମୁତୟନ

### ବିଭିନ୍ନ ସ୍ଥାନରେ ଚେକ୍‌ପୋଷ୍ଟ

କରାଯାଇଛି। ପ୍ରତି ଟିମରେ ଜଣେ ମାଜିଷ୍ଟ୍ରେଟ୍, ଏଏସଆଇଙ୍କ ସହ ୩ ଜଣ ସଶସ୍ତ୍ର ପୁଲିସ କର୍ମଚାରୀ ଓ ଜଣେ ଭିଡିଓଗ୍ରାଫର ରହିଛନ୍ତି। ଏହି ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଗୁଡ଼ିକରେ ସି-ଭିଜିଲ୍ ଆପ୍ ଏବଂ ଟୋଲ୍ ଫ୍ରି ନମ୍ବର ୧୯୫୦ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଡିସିସି ଦ୍ୱାରା ଦିଆଯାଇଥିବା ଅଭିଯୋଗର ସମାଧାନ କରି ପାରିବେ। ବେଆଇନ ନଗଦ ଟଙ୍କା, ମାଗଣା ସାମଗ୍ରୀ, ନିଶା ଦ୍ରବ୍ୟ, ମଦ, ଅସ୍ତ୍ରଶସ୍ତ୍ର ଇତ୍ୟାଦି ପରିବହନ ଉପରେ ନଜର



ରଖିବା ପାଇଁ ଯାନବାହନ ଯାଞ୍ଚ କରନ୍ତୁ। ଏମସିସି ଗାଇଡଲାଇନ କୁ କାର୍ଯ୍ୟକାରୀ କରନ୍ତୁ ଏବଂ କୌଣସି ଉଲ୍ଲଂଘନ ବିରୋଧରେ ସ୍ୱତଃସ୍ଫୃତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ଆଜି ସୁଦ୍ଧା ସି-ଭିଜିଲରେ ୧୭୭ଟି ମାମଲା ଆସିଛି ଏବଂ ଏସବୁର ଫଇସଲା ହୋଇଛି। ମୋଟ ୧୦୩୮ ଲକ୍ଷ ଟଙ୍କା ବିଭିନ୍ନ ପ୍ରବର୍ତ୍ତନ ସଂସ୍ଥା ଜବତ କରିଛନ୍ତି। ସମ୍ବଲପୁର ଏସିରେ ମୋଟ ୧୪ ଟି ଅଭିଯୋଗ ଆସିଥିବା ବେଳେ ୨ ଲକ୍ଷ ୩ ହଜାର ୫୦୦ ଟଙ୍କା ଜବତ କରାଯାଇଛି। ସି-ଭିଜିଲ୍ ଆପ୍ ଜରିଆରେ ଏହି ଅଭିଯୋଗ ଦାଖଲ କରାଯାଇଥିଲା, ଯେଉଁଥିରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ/ବ୍ୟୟ ଉଲ୍ଲଂଘନର ସମୟୋପଯୋଗୀ ପ୍ରମାଣ ପ୍ରଦାନ କରାଯାଇଥାଏ, ଯେଉଁଠାରେ ଜଣେ ନାଗରିକ ଫଟୋ କିମ୍ବା ଭିଡିଓ କ୍ଲିକ୍ କରିପାରିବେ। ଏହି ଆପ୍ କର୍ତ୍ତୃପକ୍ଷ ଏବଂ ଉପଭୋକ୍ତାଙ୍କ ଦ୍ୱାରା ୧୦୦ ମିନିଟ୍ ମଧ୍ୟରେ ସ୍ଥିତି ରିପୋର୍ଟକୁ ପ୍ରାଥମିକତା ଦିଏ। ନଗଦ ଟଙ୍କା କିମ୍ବା ମଦ କିମ୍ବା ଅନ୍ୟ କୌଣସି ଲାଞ୍ଚ କିମ୍ବା ଅନ୍ୟ କୌଣସି ବେଆଇନ ଜିନିଷ ବଣ୍ଟନ ନେଇ ଅଭିଯୋଗ ଆସିଲେ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସାମଗ୍ରୀ ଜବତ କରିବା ସହ ପ୍ରମାଣ ସଂଗ୍ରହ କରିବା ସହ ସାକ୍ଷୀ ଓ ଯେଉଁମାନଙ୍କଠାରୁ ଜିନିଷ ଜବତ ହୋଇଛି ସେମାନଙ୍କ ବୟାନ ରେକର୍ଡ କରିବ। ଏହି ଏଫ୍‌ଏସ୍‌ଟି ଟିମ୍ ସମସ୍ତ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ଧମକ, ଅସାମାଜିକ ତତ୍ତ୍ୱଙ୍କ ଗତିବିଧି ସମ୍ବନ୍ଧୀୟ ଇତ୍ୟାଦି ଅଭିଯୋଗ, ପ୍ରାର୍ଥୀ/ରାଜନୈତିକ ଦଳ ଦ୍ୱାରା ହୋଇଥିବା ଅନୁମୋଦିତ ନିର୍ବାଚନ ଖର୍ଚ୍ଚ ସମ୍ପର୍କିତ ଅଭିଯୋଗ ଭିଡିଓ ସର୍ଭିଲାନ୍ସ ଟିମ୍ ସହାୟତାରେ ଭିଡିଓଗ୍ରାଫ୍, ସମସ୍ତ ପ୍ରମୁଖ ରାଲି, ସାଧାରଣ ସଭା କିମ୍ବା ରାଜନୈତିକ ଦଳମାନଙ୍କ ଦ୍ୱାରା କରାଯାଇଥିବା ଅନ୍ୟାନ୍ୟ ପ୍ରମୁଖ ଖର୍ଚ୍ଚ ଉପରେ ଆଲୋଚନା କରିଛନ୍ତି।

■ ଶ୍ରମିକ କର୍ମଚାରୀଙ୍କ ଦରମାରେ ୨୫ ପ୍ରତିଶତ ବୃଦ୍ଧି

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ




**ଦେବଗଡ଼, ୨୯ ।୪(ସମିସ):** ବିଜୁ ଶ୍ରମିକ ସାମ୍ମୁଖ୍ୟ ଅନୁବନ୍ଧିତ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଙ୍ଘର ଏକ ସାଧାରଣ ସଭା କୁରଡ଼କୋଟ ଜଳ ପ୍ରପାତ ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘ ପଶ୍ଚିମ ଜୋନ ସମ୍ପାଦକ ତାପସ ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡିଭିଜନ ସମ୍ପାଦକ ବସନ୍ତ ନାୟକ, ଡିଭିଜନ ଅର୍ଗାନାଇଜର ଦୋଳମଣୀ ସୁହୁଲାଙ୍କ ସମେତ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ଯୋଗଦେଇ ସଙ୍ଘର ବିଭିନ୍ନ ବିଷୟ ଉପରେ ଆଲୋଚନା କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନିମନ୍ତେ ମତାମତ ଗ୍ରହଣ କରାଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରମିକ କର୍ମଚାରୀଙ୍କ ଦରମାରେ ୨୫ ପ୍ରତିଶତ ବୃଦ୍ଧି କରିଥିବାରୁ ମହାସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରଯାଇଥିଲା । ଏହି ଅବସରରେ ଠିକରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର କର୍ମଚାରୀଙ୍କ ମଧ୍ୟରୁ ପ୍ରତି ବର୍ଷ ୧୦୦୦ କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ କର୍ମଚାରୀଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକ ପତ୍ର ବିଜୁ ଶ୍ରମିକ ସାମ୍ମୁଖ୍ୟ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ରାଜପଥରେ ବେନିୟମ ପାର୍କିଂ ଯୋଗୁଁ ବଢ଼ୁଛି ଦୁର୍ଘଟଣା

# ଶିଳ୍ପସଂସ୍ଥାକୁ ଜିଲ୍ଲାପାଳଙ୍କ ତାଗିଦ

**ଝାରସୁଗୁଡ଼ା, ୨୯।୪(ସମିସ)**

ଶିଳ୍ପନଗରୀ ଝାରସୁଗୁଡ଼ା ସହର ସମେତ ରାଜପଥରେ ଅବାଧରେ ଟ୍ରକ୍ ଗୁଡ଼ିକ ଘଣ୍ଟା ଘଣ୍ଟାଧରି ବେନିୟମ ଭାବରେ ପାର୍କିଂ କରୁଥିବାରୁ ରାସ୍ତା ଅବରୋଧ ହେବା ସହିତ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହା ଉପରେ ଜିଲ୍ଲା ପ୍ରଶାସନର ନିଘା ପଡୁ ନ ଥିବା ଅଭିଯୋଗ ହୋଇଛି । ୪୯ ନମ୍ବର ରଜପଥ ବେଲପାହାଡ଼ଠାରୁ ପ୍ରସନ୍ନ ପଣ୍ଡା ଛକ ଯାଏ ଅଣ ଓସାରିଆ ରାସ୍ତାଥିବାରୁ ଏହି ରାସ୍ତାରେ ମାତ୍ରାଧିକ ଟ୍ରାଫିକ ସମସ୍ୟା ରହୁଛି । ରାଜପଥ କଡ଼ରେ ଢ଼ାବା ଓ ଟ୍ରାନ୍ସପୋର୍ଟ କମ୍ପାନୀ ଅଫିସ୍ ଥିବାବେଳେ ଟ୍ରକ ଡ୍ରାଇଭର ମାନେ ଗାଡ଼ି ରଖି ଢ଼ାବାରେ ଖାଇବାକୁ କିମ୍ବା ଟ୍ରାନ୍ସପୋର୍ଟ କମ୍ପାନୀ ଅଫିସକୁ ଯାଉଥିବାରୁ ରାସ୍ତାରେ ଦୁର୍ଘଟଣା ସଂଖ୍ୟା ବଢ଼ିବାରେ ଲାଗିଛି । ସେହିପରି ତାଳପଟିଆରୁ ଖେରୁଆଲ ଯାଏ ୧୦ ନମ୍ବର ରାଜ୍ୟ ରାଜପଥରେ ମଧ୍ୟ ବେନିୟମ ଭାବରେ ଅନେକ ଭାରୀଯାନ ଛିଡ଼ାହୋଇ ରହିଥିବାରୁ କ୍ରମାଗତ ଭାବରେ ଏହି ଏନେଇ ଅନେକ ରୋଡ୍ ସେଫଟି ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି । ଝାରସୁଗୁଡ଼ାର ବିଭିନ୍ନ ଅନୁଷ୍ଠାନ ବରିଷ୍ଠ ନାଗରିକ ମଞ୍ଚ, ଓକିଲ ସଂଘ, ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ବେନିୟମ ଟ୍ରକ୍ ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ମଧ୍ୟ ଦାବି ହୋଇଥିଲା । ପ୍ରସନ୍ନ ପଣ୍ଡାଛକ ଠାରୁ ଗାନ୍ଧିଛକ ଯାଏ ଜିଲ୍ଲା ପ୍ରଶାସନ ପକ୍ଷରୁ ନୋ ପର୍କିଂ ବୋର୍ଡ଼ ଲଗାଯାଇଥିଲା । କିନ୍ତୁ ଏହି ବୋର୍ଡ଼କୁ ଭାଙ୍ଗି ସଠୋରେ ଟ୍ରକ୍ ପାର୍କିଂ କରାଯାଉଛି । ଦୁଇବର୍ଷ ତଳେ ଦୁର୍ଘଟଣା ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାସ୍ତାକଡ଼ରେ ବେନିୟମ ପାର୍କିଂ କରୁଥିବା ଭାରୀଯାନ ମାନଙ୍କ ଠାରୁ ୨୦ ହାଜର ଲେଖାଏଁ ଟଙ୍କା ଜରିମାନା ଆଦାୟ କରାଯାଉଥିଲା । ପରେ ଏହାକୁ ବିଭିନ୍ନ ଟ୍ରକ ମାଲିକ ସଂଘ ବିରୋଧ କରିବାରୁ ଏହି ନିୟମକୁ ଜିଲ୍ଲାପ୍ରଶାସନ ପ୍ରତ୍ୟାହୃତ କରିନେଇଥିଲା । ଏନେଇ ଝାରସୁଗୁଡ଼ା ଆରଟିଓ ଦୀନବନ୍ଧୁ ଶୁଣ୍ଠିଙ୍କୁ ପଚାରିବାରୁ ପ୍ରଶାସନ ପକ୍ଷରୁ ଏହି ଟ୍ରକ ମାନଙ୍କ ପାଇଁ ଟ୍ରକ ପାର୍କିଂ ସୁବିଧା ଯୋଗାଇ



ଦିଆ ଯାଇପାରି ନ ଥିବାରୁ ରାସ୍ତା ଉପରେ ପାର୍କିଂକରୁଥିବା ଟ୍ରକ ମାନଙ୍କ ଉପରେ ଆମେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭବ ହେଇ ପାରୁନାହିଁ ବୋଲି ଶ୍ରୀ ଶୁଣ୍ଠି ସୂଚନା ଦେଇଛନ୍ତି । ଅନେକ ଟ୍ରକ୍ ମାଲିକ ନିଜସ୍ୱ ଟ୍ରକ ପାର୍କିଂ ସୁବିଧା ନ ଥାଇ ଏକାଧିକ ଟ୍ରକ କିଣି ତାକୁ ରାଜରାସ୍ତାରେ ଛିଡ଼ା କରି ରଖୁଛନ୍ତି । ଜିଲ୍ଲା ପ୍ରସାଶନ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ଗାନ୍ଧିଛକ ଠାରେ ଟ୍ରକ ପାର୍କିଂ ନିର୍ମାଣ ହୋଇ ସାରିଛି । କିନ୍ତୁ ବେଲପାହାଡ଼ ପୌର ପରିଷଦରେ ଶନିମନ୍ଦିର ନିକଟରେ ଏହି ଟ୍ରକ୍ ପାର୍କିଂ ହେବାକୁ ଜମି ଚିହ୍ନଟ ହୋଇଥିବାବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ତାହା ବନ୍ଦ ହୋଇଯାଇଛି । ଫଳରେ ଶହ ଶହ ସଂଖ୍ୟାରେ ଟ୍ରକ ଗୁଡ଼ିକ ରାଜରସ୍ତାର ଉଭୟ କଡ଼ରେ ବେନିୟମ ଭାବରେ ଛିଡ଼ା ହୋଇଛି । ଏହି ପାର୍କିଂ ପାଇଁ ରାସ୍ତାରେ ଯାତାୟାତ କରୁଥିବା ଛୋଟଗାଡ଼ି ଓ ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାପାଇଁ ଦୀର୍ଘଦିନରୁ ଦାବି ହେଇ ଆସୁଥିଲା । ଜିଲ୍ଲାପାଳ ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କୁ ଏହି ବେନିୟମ ପାର୍କିଂ ସମ୍ପର୍କରେ ଚିଠି ଲେଖିବା ସହିତ ତାଗିଦ୍ କରିଛନ୍ତି । ଏମିତି ରାସ୍ତା ଉପରେ ବେନିୟମ ପାର୍କିଂ କଲେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଏହି ଶିଳ୍ପ ସଂସ୍ଥାମାନଙ୍କୁ ଲେଖିଛନ୍ତି ।

# ବେଦାନ୍ତ ପକ୍ଷରୁ ପଞ୍ଛୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ



**ଝାରସୁଗୁଡ଼ା, ୨୯।୪ (ସମିସ) :** ବେଦାନ୍ତ ପକ୍ଷରୁ ବେଲପାହାଡ଼ର ଏକ ହଟେଲ ଠାରେ ପଞ୍ଛୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ଦିଗଦର୍ଶନରେ ଏହି କାର୍ଯ୍ୟକ୍ରମରେ ଭାରତର ଆର୍ଥିକ ଦୁର୍ବଳ ଶ୍ରେଣୀର ୧ ହଜାର କିଶୋରୀଙ୍କୁ ବିଭିନ୍ନ ବ୍ୟବସାୟରେ ନିଯୁକ୍ତି ଦେବା ହେଉଛି ପ୍ରକଳ୍ପ ପଞ୍ଛୀର ଆଭିମୁଖ୍ୟ । ଏହି ପଦକ୍ଷେପ ବାଳିକାମାନଙ୍କ ଶିକ୍ଷା ତଥା ନିଯୁକ୍ତି ଆବଶ୍ୟକତାକୁ ସମାଧାନ କରିବା ଦିଗରେ ଧ୍ୟାନ ଦେଇଥାଏ । ସେମାନଙ୍କୁ ଉଚ୍ଚ ଶିକ୍ଷା ସମାପ୍ତ କରିବା ଲାଗି କମ୍ପାନି ତରଫରୁ ଆର୍ଥିକ ସହାୟତା ଓ ସଫଳତା ପରେ ଏହାର କାର୍ଯ୍ୟରେ ନିଯୋଜିତ କରିବା ଲକ୍ଷ୍ୟକୁ ନେଇ କାର୍ଯ୍ୟ କରୁଛି । ଥରେ ଚୟନ ହେବା ପରେ ପ୍ରାର୍ଥୀମାନଙ୍କୁ ପ୍ରମୁଖ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ପାଇଁ ଚୟନ କରାଯାଏ ଓ ଡିଗ୍ରୀ ପାଠ୍ୟକ୍ରମରେ ସଫଳତା ପରେ ସେମାନଙ୍କୁ ବେଦାନ୍ତର ଗ୍ରାଜୁଏଟ ଟ୍ରେନି ଭାବରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଥାଏ । ଲଖନପୁର ବ୍ଲକରୁ ୧୪ ଜଣ ଝିଅଙ୍କୁ ଚୟନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ଦ୍ୱାରା ସେମାନଙ୍କୁ ଅଫର ଲେଟର ପ୍ରଦାନ କରାଯାଇଥିଲା । ସମ୍ମାନିତ ଅତିଥି ଭାବରେ ବେଦାନ୍ତର ସିଇଓ (ମାଇନ୍ସ) ଭି ଶ୍ରୀକାନ୍ତ ଉପସ୍ଥିତ ରହିଥିଲେ । ବେଦାନ୍ତ ଆଲୁମିନିୟମର ଖଣି ଟିମ ପ୍ରଥମ ବର୍ଷର ଆରମ୍ଭରେ ଛତିଶଗଡ଼ରେ ପ୍ରତିଷ୍ଠିତ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ ପାଇଁ ପ୍ରକଳ୍ପ ଫଛିର ପ୍ରାର୍ଥୀମାନଙ୍କୁ ଶିକ୍ଷା ଗ୍ରହଣ ପାଇଁ ପଠାଯାଇଛି । ବର୍ତମାନ ସୁଦ୍ଧା ବେଦାନ୍ତର ଅପରେସନରେ ପ୍ରକଳ୍ପ ଫଛି ମାଧ୍ୟମରେ ୨୩୦ରୁ ଅଧିକ କିଶୋରୀଙ୍କୁ ଚୟନ କରାଯାଇଛି ଯେଉଁଥିରେ ଛତିଶଗଡ଼ର କୋରବା, ଲାଂଜିଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବେଲପାହାଡ଼ର ପ୍ରାର୍ଥୀମାନେ ରହିଛନ୍ତି । ସମ୍ମାନିତ ଅତିଥି ଚିନ୍ତାମଣି ପ୍ରଧାନ କହିଥିଲେ ଯେ ଏହି ନୂଆ ଯାତ୍ରା ଆରମ୍ଭ କରୁଥିବା ସଫଳ ପ୍ରାର୍ଥୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ପ୍ରକଳ୍ପ ଫଛି ହେଉଛି ଏପରି କାର୍ଯ୍ୟକ୍ରମ ଯାହା ସମାଜର କିଶୋରୀ ମାନଙ୍କୁ କେବଳ ସଶକ୍ତ କରେ ନାହିଁ ଅନ୍ୟପକ୍ଷରେ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ମାର୍ଗ ପ୍ରଦାନ କରେ ।

# ଦେବଗଡ଼ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳରେ କଡ଼ାକଡ଼ି ଯାଞ୍ଚ

**ଦେବଗଡ଼, ୨୯ ।୪(ସମିସ):** ଆନ୍ତଃ ଜିଲ୍ଲା ସୀମାବର୍ତ୍ତୀ ପୁଲିସ ପୋଷ୍ଟରେ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ଯାଞ୍ଚ କଡାକଡ଼ି କରାଯାଇଛି । ବିଶେଷ ଭାବେ ରାତ୍ରିକାଳୀନ ଯାଞ୍ଚକୁ ପୁଲିସ ଅଧିକ ଗୁରୁତ୍ୱ ଦେଇଛି । ଜିଲ୍ଲା ପୁଲିସର ଉଚ୍ଚ ପଦାଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟୋଜିତ ଫ୍ଲାଇଂ ସ୍କ୍ୱାଡ୍ ଏହି ଯାଞ୍ଚରେ ସାମିଲ ହୋଇଥିଲା । ଦେବଗଡ଼ ଥାନା ତିଲେଇବଣି, ରିଆମାଳ ଥାନା ତେଲିମୁଣ୍ଡା, ବାରକୋଟ ଥାନା ପୁରୁଣାପାଣି, ବାହାଡାପୋଷି ଆଦି ଅଞ୍ଚଳରେ ପୁଲିସ ରାତ୍ରିକାଳୀନ ଯାଞ୍ଚକୁ କଡାକଡି କରିଛି ।



# ‘ଘର ହିଁ ବିଦ୍ୟାଳୟ’ କାର୍ଯ୍ୟକ୍ରମ

**ବ୍ରଜରାଜନଗର, ୨୯ ।୪ (ସମିସ):** ବ୍ରଜରାଜନଗରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଶିଶୁବାଟିକା ବିଭାଗରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଚତୁର୍ଥ ସୋପାନ ସୋମବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଚାର୍ଯ୍ୟ ପୁଷ୍ପା ଜୟସୱାଲ ଦୀପ ପ୍ରଜ୍ୱଳନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଯୋଗେନ୍ଦ୍ରନାଥ ଠାକୁର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିଶୁବାଟିକା ପ୍ରମୁଖ ବୀଣାପାଣି ପଣ୍ଡା ସୂଚନା ପ୍ରଦାନ କରିଥିଲେ ।

# ପ୍ରଥମ ଦିନରେ ୫ ପ୍ରାର୍ଥୀ ନେଲେ ନାମାଙ୍କନ ପତ୍ର







**ଦେବଗଡ଼, ୨୯ ।୪(ସମିସ):** ମେ ୨୫ ତାରିଖ ରାଜ୍ୟରେ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୧୯ ଦେବଗଡ଼ ବିଧାନସଭା ଆସନ ନିମନ୍ତେ ସୋମବାର ୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ନେଇଛନ୍ତି । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଧାର୍ଯ୍ୟ ସମୟ ମଧ୍ୟରେ ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଜେଡି ପ୍ରାର୍ଥୀ ଅରୁନ୍ଧତୀ ଦେବୀ, ସ୍ୱାଧୀନ ପ୍ରାର୍ଥୀ ଭାବେ ସୁଲେମାନ ଲାକ୍ରା, ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁମନ୍ତ ସାହୁ, ପିବିଆଇ ପାର୍ଟିର ଡୋଳାକର ଭୋଇ, କଂଗ୍ରେସ ପ୍ରାର୍ଥୀ ସେମ ହେମ୍ରାମ ପ୍ରମୁଖ ଅମାନତ ରାଶି ଜମା କରି ନାମାଙ୍କନ ପତ୍ର ନେଇଛନ୍ତି ।

ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା ବୈଠକ

# ନିର୍ବାଚନରେ ଯତ୍ନବାନ ହେବାକୁ ପରାମର୍ଶ

**ଦେବଗଡ଼, ୨୯ ।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନର ସ୍ୱଚ୍ଛ ପରିଚାଳନା ନିମନ୍ତେ ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଗଙ୍ଗା ସିର୍ଭୈୟାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନିର୍ବାଚନରେ ଅଂଶ ଗ୍ରହଣ କରୁଥିବା ପ୍ରାର୍ଥୀଙ୍କ ଖର୍ଚ୍ଚ ସମ୍ବନ୍ଧୀୟ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ଜିଲ୍ଲାରେ ନିଯୁକ୍ତ ଖର୍ଚ୍ଚ ନିରୀକ୍ଷଣ ଅଧିକାରୀ ଓ ସ୍କ୍ୱାଡ୍ ଟିମ୍‌ଙ୍କୁ ପ୍ରାର୍ଥୀଙ୍କ ଖର୍ଚ୍ଚ ବିବରଣୀ ତଦାରଖ ନେଇ ଆଲୋଚନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ବିଭିନ୍ନ ଖର୍ଚ୍ଚ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ସହ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପର୍ଯ୍ୟବେକ୍ଷକ ଶ୍ରୀ ସିର୍ଭୈୟା ଦେବଗଡ଼ ଜିଲ୍ଲାର ବିଧାନସଭା ଓ ଲୋକସଭା ଆସନ ପାଇଁ ନିର୍ବାଚନ ପ୍ରସ୍ତୁତି ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ୍ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ତାପସ ମହାନ୍ତ, ରାଜୀବ ଲୋଚନ ନାଏକ, ରିଆମାଳ ବିଡିଓ ଉଗ୍ରସେନ ଓରାମ, ବାରକୋଟ୍ ବିଡିଓ ସ୍ମୃତି ରଞ୍ଜନ ସାହୁ, ତିଲେଇବଣୀ ବିଡିଓ ରଘୁନାଥ ପାଣିଗ୍ରାହୀ, କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝି, ରିଆମାଳ ତହସିଲଦାର ଜ୍ୟୋସ୍ନାରାଣୀ ନାଏକ, ବାରକୋଟ ଅତିରିକ୍ତ ତହସିଲଦାର ବବ୍ରୁ ବାହନ ଦତ୍ତ, ରିଆମାଳ ଅତିରିକ୍ତ ତହସିଲଦାର ପ୍ରେମ ପ୍ରକାଶ ହୋରୋ, ଏପିଡି (ଫାଇନାନ୍ସ) ଆଶିଷ ବାରିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲ୍ଲାର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ ଉପସ୍ଥିତ ଥିଲେ ।



# ଶିଖଗୁରୁ ତେଗ୍ ବାହାଦୂର ଜୟନ୍ତୀରେ ଯୋଗଦେଇ ଆଶୀର୍ବାଦ କାମନା କଲେ ଦେବେଶ

**ବରଗଡ଼, ୨୯।୪(ସମିସ):** ଶିଖ ସମାଜର ନବମ ଗୁରୁ ତେଗ୍ ବାହାଦୂର ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ଗୁରୁଦ୍ୱାରା ଠାରେ ବରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଯୋଗଦେଇ ଆଶୀର୍ବାଦ କାମନା କରିଥିଲେ । ଗୁରୁଦ୍ୱାରା ପ୍ରବନ୍ଧନ କମିଟିର ସଭାପତି ସର୍ଦ୍ଦାର ସୁଖୱନ୍ତ ସିଂ, ସମ୍ପାଦକ ଯଶବୀର ସିଂ, ପରିଚାଳନା କମିଟି ସଦସ୍ୟ ସର୍ଦ୍ଦାର ପ୍ରୀତମ ସିଂ, ବଳବିନ୍ଦର୍ ସିଂ, ଇନ୍ଦରଜିତ ସିଂ, କାଶ୍ମୀର ସିଂ, ଅବତାର ସିଂ, ଜିତେନ୍ଦ୍ର ସିଂ ପ୍ରମୁଖଙ୍କ ସମେତ କମିଟିର ଶତାଧିକ ସଦସ୍ୟ ଉପସ୍ଥିତ ରହି ବିଧାୟକ ଶ୍ରୀ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଶିଖ ସମାଜ ସମୁଦାୟର ସହଯୋଗ ଓ ଆଶୀର୍ବାଦ କାମନା କରିଥିଲେ । ଟାଉନ ବିଜେଡି ସଭାପତି କିଶୋର ମିଶ୍ର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଜଗନ୍ନାଥ ମନ୍ଦିର ନିର୍ମାଣ କାମର ବିଲ୍ ହେଉନି

# ରଣକ୍ଷେତ୍ର ପାଲଟିଲା ରିଆମାଳ ବ୍ଲକ କାର୍ଯ୍ୟାଳୟ

**ଦେବଗଡ଼/ରିଆମାଳ, ୨୯ ।୪(ସମିସ):** ରିଆମାଳ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ୭ ମାସ ହେବ ସରିଲାଣି; ହେଲେ ରିଆମାଳ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟର ବିଲ୍ ହେଉନି । ଏ ନେଇ ରିଆମାଳ ଗ୍ରାମରେ ଜନ ଅସନ୍ତୋଷ ପ୍ରକାଶ ପାଇଛି । ସୋମବାର ରିଆମାଳ ମନ୍ଦିର କମିଟିର ସଦସ୍ୟ ରିଆମାଳ ବିଡ଼ିଓ ଉଗ୍ରେସନ ଓରାମ ଓ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନଙ୍କୁ ଦେଖା କରିଥିଲେ । ଏହାର ସମାଧାନ ପାଇଁ ଆଲୋଚନା ହୋଇଥିଲା । ଏହି ସମୟରେ ମନ୍ଦିର କମିଟି ସଦସ୍ୟ, ବ୍ଲକ ଅଧ୍ୟକ୍ଷ ଏବଂ ବିଡ଼ିଓଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏଣୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା ।



**ମନ୍ଦିର କମିଟି, ବିଡ଼ିଓ ଏବଂ ବ୍ଲକ ଅଧ୍ୟକ୍ଷ କଥା କଟାକଟି**

ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୩-୨୪ର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରୁ ରିଆମାଳ ଜଗନ୍ନାଥ ମନ୍ଦିରକୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳର କାର୍ଯ୍ୟାଦେଶ ଦିଆଯାଇଛି । ୭ ମାସ ପୂର୍ବରୁ କାର୍ଯ୍ୟ ଶେଷ ହୋଇଛି; ହେଲେ ପ୍ରାପ୍ୟ ମିଳୁନି । ଏଣୁ ଯଥା ଶୀଘ୍ର ମନ୍ଦିର କାର୍ଯ୍ୟ ବାବଦ ପ୍ରାପ୍ୟ ଦେବା ପାଇଁ ମନ୍ଦିର କମିଟି ଅଡ଼ି ବସିଛି । ତେବେ ମନ୍ଦିର ମରାମତି ଏବଂ ନବୀକରଣ ବୋଲି ଫାଇଲ୍‌ରେ ଉଲ୍ଲେଖ ଯୋଗୁଁ ବିଲ୍ ହୋଇ ପାରୁ ନାହିଁ ବୋଲି ବିଡିଓ ଉତ୍ତର ରଖିଥିଲେ । ଏଥି ପାଇଁ ଦେବଗଡ଼ ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କୁ ଚିଠି ଯୋଗେ ଅବଗତ କରାଯାଇଛି । ପ୍ରକଳ୍ପ ଅଧିକାରୀ ଅନୁମତି ପ୍ରଦାନ କରିବା ପରେ ବିଲ୍ ପୈଠ ପାଇଁ ଅସୁବିଧା ହେବ ନାହିଁ ବୋଲି ବିଡ଼ିଓ ଉତ୍ତର ରଖଛନ୍ତି । ଅପରପକ୍ଷରେ ୬ ତାରିଖ ସୁଦ୍ଧା ବିଲ୍ କରା ନ ଗଲେ ୮ ତାରିଖ ରିଆମାଳ ବ୍ଲକ ଘେରଉ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।

# ଭାରତ ବିକାଶ ପରିଷଦର ଶପଥବିଧି ସମାରୋହ

**ବରଗଡ଼, ୨୯।୪(ସମିସ):** ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନହଲ ଠାରେ ଭାରତ ବିକାଶ ପରିଷଦ, ପଶ୍ଚିମ ପ୍ରାନ୍ତ ବରଗଡ଼ ଶାଖାର ଚଳିତ ବର୍ଷର ଶପଥବିଧି ସମାରୋହ ଏବଂ ପ୍ରବୃଦ୍ଧ ବର୍ଗଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ସଭାପତିତ୍ୱ କରିଥିଲେ ଡାକ୍ତର ପ୍ୟାରୀଲାଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟବକ୍ତା ଡା. ପୁରୁଷୋତ୍ତମ ଅଗ୍ରୱାଲ ନୂତନ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଦ୍ୱୟଙ୍କ ସହ ପରିଷଦର ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ଅରବିନ୍ଦ ଗୁପ୍ତା, ପୃଷ୍ଠପୋଷକ ଡା. ଅର୍ଜୁନ ମେହେର, କୋଷାଧ୍ୟକ୍ଷ ମୁକେଶ ଶର୍ମା, ପଶ୍ଚିମ ପ୍ରାନ୍ତର ସମ୍ପାଦକ ପ୍ରକାଶ ପଟ୍ଟନାୟକ, ଉମେଶ ପ୍ରସାଦ ଖାଡ଼ଙ୍ଗା ପ୍ରମୁଖ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ଜଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏ ଅବସରରେ ମହିଳା ବିଭାଗ ପ୍ରମୁଖ ତନୁଜା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ନୂତନ ସଦସ୍ୟା ଦର୍ଶନା ଅଗ୍ରୱାଲ ଦେଶାତ୍ମବୋଧ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମରେ ସନ୍ତୋଷ ପଣ୍ଡା ସ୍ୱାଗତ ଅଭିଭାଷଣ, ସୁଦାମ ଚରଣ ସା ଓ ପ୍ରାନ୍ତ ସାଧାରଣ ସମ୍ପାଦକ ପ୍ରକାଶ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଶେଷରେ ପଶ୍ଚିମପ୍ରାନ୍ତ ସଂଗଠନ ସମ୍ପାଦକ ଦୁର୍ଗା ପ୍ରସାଦ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଦଳର ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଝାରସୁଗୁଡ଼ା, ୨୯।୪(ସମିସ)**

ମେ’୨୦ ହେବାକୁଥିବା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରାଯାଇଛି । ସୋମାବର ପୂର୍ବାହ୍ନରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ସୁରେଶ ପୂଜାରୀ ଆଉଥରେ ନାମାଙ୍କନ ପତ୍ର ଆଉଏକ ସେଟ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିଛନ୍ତି । ସେହିପରି ବ୍ରଜରାଜନଗର ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ କିଶୋର ଚନ୍ଦ୍ର ପଟେଲ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବେହେରାମାଲରୁ କର୍ମୀଙ୍କ ସହ ଏକ ରାଲିରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ୩ ସେର୍ଥପତ୍ର ଦାଖଲ କରିଛନ୍ତି । ରାଲିରେ କଂଗ୍ରେସର ବରଗଡ଼ ସାଂସଦ ପ୍ରାର୍ଥୀ ସଞ୍ଜୟ ଭୋଇ ଏବଂ ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ଅମିତା ବିଶ୍ୱାଳ ଉପସ୍ଥିତ ଥିଲେ । ପରେ ଅମିତା ବିଶ୍ୱାଳ ମଧ୍ୟ ଝାରସୁଗୁଡ଼ା ଉପ ଜିଲ୍ଲାପାଳଙ୍କ ନିକଟରେ ତାଙ୍କର ୨ ସେଟ ପ୍ରାର୍ଥପତ୍ର ଦାଖଲ କରିଛନ୍ତି । ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ମଧ୍ୟ ଆଜି ୪ ସେଟ ପାର୍ଥିପତ୍ର ଦାଖଲ କରିଛନ୍ତି । କର୍ମୀଙ୍କ ଗହଣରେ ବେହେରାମାଲ ରୁ ଏକ ରାଲିରେ ଝାରସୁଗୁଡା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପାର୍ଥିପତ୍ର ଦାଖଲ କରିଛନ୍ତି । ଏହି ରାଲିରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଉପସ୍ଥିତ ଥିଲେ । ସେହିପରି ବହୁଜନ ସମାଜ ପାର୍ଟିରୁ କାର୍ତ୍ତିକେଶ୍ୱର ଗଉର ଓ ଝରଣା କିସାନ ଉପ ଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ନାମାଙ୍କନ ଦାଖଲ କରିଛନ୍ତି । ଏହା ସହିତ ଝାରାସୁଗୁଡ଼ା ନିର୍ବାଚନ ମଣ୍ଡଳୀରୁ ଅମର ବଜାଜ୍, ସୁମିତା କିସାନ ଓ ଜ୍ଞାନେନ୍ଦ୍ର ବେହେରା ଓ ବ୍ରଜରାଜନଗରରୁ ସୁମିତ କୁମାର ସାହା ନାମାଙ୍କନ ପତ୍ର ନେଇଛନ୍ତି ।



# ଭୋଟର ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୨୯।୪(ସମିସ):** ବେଲପାହାଡ଼ ପୌର ପରିଷଦ ପକ୍ଷରୁ ୪ ନମ୍ବର ୱାର୍ଡ ବଜାରପଡ଼ା ଅଞ୍ଚଳରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁରୁଜ ପକାଇ ‘ନିର୍ବାଚନ ପର୍ବ ଦେଶର ପର୍ବ ମତଦାନ ମୁଁ ନିଶ୍ଚିତ କରିବି’ ବୋଲି ଲୋକଙ୍କୁ ସଚେତନ କରାଯାଇଛି । ଏହି ଅବସରରେ ପୌର କର୍ମଚାରୀ, ବିଭିନ୍ନ ମହିଳା ସଂଗଠନ କର୍ମକର୍ତ୍ତାମାନେ ନିଶ୍ଚିତ ମତଦାନ କରିବାକୁ ଶପଥ ପାଠ କରିଥିଲେ ।



## ବେସରକାରୀ ଜାଗାରେ ସରକାରୀ ନଳକୂପ

# ନଳକୂପ ବ୍ୟବହାର କଲେ ଜାଗା ମାଲିକ ଦେଖାଉଛନ୍ତି ନାଲିଆଖି





**କେସିଙ୍ଗା, ୨୯।୪(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉତ୍କେଲା ଗ୍ରାମ ପଞ୍ଚାୟତ ଅଧୀନସ୍ଥ କୋକଡମାଲ ଗାଆଁର ଗୁଞ୍ଜେରମାଲ ପଡ଼ାରେ ଉତ୍କଟ ଜଳାଭାବ ଦେଖାଯାଇଛି । ୨୫ରୁ ୩୦ ପରିବାର ବିଶିଷ୍ଟ ଉକ୍ତ ପଡ଼ାରେ ଏକ ନଳକୂପ ସରକାରଙ୍କ ତରଫରୁ ସ୍ଥାପନ କରାଯାଇଛି । ତେବେ ଯେଉଁ ସ୍ଥାନରେ ଉକ୍ତ ନଳକୂପ ସ୍ଥାପନ ହୋଇଛି ତାହା ଜଣଙ୍କ ଘରୋଇ ପ୍ଲଟ୍ ହୋଇଥିବାରୁ ଜାଗା ମାଲିକ ପଡ଼ାବାସୀଙ୍କୁ ନଳକୂପ ପାଣି ବ୍ୟବହାର କରିବାକୁ ଦେଉନାହାନ୍ତି । ଏନେଇ ପଡ଼ାବାସୀ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତଙ୍କଠାରେ ଅଭିଯୋଗ ହୋଇଛି । ସେମାନେ ତାଙ୍କ ଅଭିଯୋଗପତ୍ରରେ ପାଖରେ ଥିବା ସରକାରୀ ଜମିରେ ନଳକୂପ ବସାଇବା ପାଇଁ ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରେ ସେ କହିଥିଲେ ଯେ ଅଭିଯୋଗ ପାଇଛି । ଜାଗା ଚିହ୍ନଟ ପାଇଁ ସେ ତହସିଲଦାରଙ୍କୁ ପତ୍ର ଲେଖିଛି । ଚିହ୍ନଟ କାର୍ଯ୍ୟ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ଆବଶ୍ୟକ ପଡ଼ିଲେ ପଡ଼ାବାସୀଙ୍କ ପାଇଁ ଅତିଶୀଘ୍ର ନୂତନ ନଳକୂପ ଖନନ କରାଯିବ ବୋଲି କହିଛନ୍ତି ।

**ପଡ଼ାବାସୀଙ୍କ ବିଡିଓଙ୍କୁ ଗୁହାରି, ନଳକୂପ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ**

# ୧୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୪ଲକ୍ଷ ୯୪ହଜାର ଭୋଟର

**ନୂଆପଡ଼ା, ୨୯।୪(ସମିସ):** ନୂଆପଡ଼ା ଜିଲ୍ଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନୂଆପଡ଼ା ଏବଂ ଖଡିଆଳରେ ୧୪ଜଣ ପ୍ରାର୍ଥୀ ମୈଦାନରେ ରହିଛନ୍ତି । ଜିଲ୍ଲାର ୪ଲକ୍ଷ ୯୪ହଜାର ୪୪୬ମତଦାତା ଏହି ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ।

ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ (୭୧) ପାଇଁ ମୋଟ ୯ଜଣ ପ୍ରାର୍ଥୀ ଆବେଦନ କରିଥିଲେ । ଏଥିମଧ୍ୟରୁ ଜଣଙ୍କ ଖାରଜ ହୋଇଥିଲା । ସୋମନାଥ ଖମାରୀ (ସ୍ୱାଧୀନ) ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି । ବିଜେଡିରୁ ରାଜେନ୍ଦ୍ର ଢୋଲକିଆ, କଂଗ୍ରେସରୁ ଶରତ ପଟ୍ଟନାୟକ, ଘାସିରାମ ମାଝୀ (ସ୍ୱାଧୀନ), ଭୁଜବଲ ଆଡବଙ୍ଗ, ସମାଜବାଦୀ ପାର୍ଟିରୁ ଲୋଚନ ମାଝୀ, ବହୁଜନ ସମାଜ ପାର୍ଟିରୁ ସୁକଧର ଦଣ୍ଡସେନା, ବିଜେପିରୁ ଅଭିନନ୍ଦନ ପଣ୍ଡା ନିର୍ବାଚନ ମୈଦାନରେ ରହିଛନ୍ତି ।

ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୭ଜଣ ଦାଖଲ କରିଥିଲେ । କୌଣସି ବି ପ୍ରାର୍ଥିପତ୍ର ଖାରଜ ହୋଇ ନ ଥିବାବେଳେ କେହି ପ୍ରତ୍ୟାହାର ମଧ୍ୟ କରିନାହାନ୍ତି । ଏଠାରେ ବିଜେଡିରୁ ଅଧିରାଜ ମୋହନ ପାଣିଗ୍ରାହୀ, ବିଜେପିରୁ ହିତେଶ ବଗର୍ତି, କଂଗ୍ରେସରୁ କମଳ ଚରଣ ତାଣ୍ଡି, ଓଡ଼ିଶା ଜନତା ପାର୍ଟିରୁ ଉଦ୍ଧବ ମାଝୀ, ସମାଜବାଦୀ ପାର୍ଟିରୁ ବୁଧାରୁ ବିହାରୀ, ସ୍ୱାଧୀନ ପ୍ରାର୍ଥୀ ରଙ୍ଗାଧର ମାଝୀ, ଶ୍ରୀକାନ୍ତ ଚାଟାର୍ଜୀଙ୍କ ନାମାଙ୍କନ ପତ୍ର ବଳବତ୍ତର ରହିଛି ।

ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୧୯ହଜାର ୭୫୮ପୁରୁଷ ଭୋଟର ଥିବାବେଳେ ୧ଲକ୍ଷ ୨୨ହଜାର ୬୬୭ମହିଳା ଏବଂ ୨୩ଜଣ ଅନ୍ୟାନ୍ୟ ବର୍ଗର ମତଦାତା ରହିଛନ୍ତି । ମୋଟ ୨ଲକ୍ଷ ୪୨ହଜାର ୪୪୮ ମତଦାତା ୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଖଡିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୨୬ହଜାର ୪୪୪ପୁରୁଷ ଭୋଟର ରହିଥିବାବେଳେ ୧ଲକ୍ଷ ୨୫ହଜାର ୫୩୭ଜଣ ମହିଳା ଏବଂ ଅନ୍ୟାନ୍ୟ ବର୍ଗର ୧୭ଜଣ ଭୋଟର ରହିଛନ୍ତି । ମୋଟ ୨ଲକ୍ଷ ୫୧ହଜାର ୯୯୮ମତଦାତା ୭ଜଣଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ।

## ବୀରମହାରାଜପୁର ବିଧାନସଭା ଆସନ ଲାଗି ୨ ନାମାଙ୍କନପତ୍ର ଦାଖଲ

**ବୀରମହାରାଜପୁର, ୨୯।୪ (ସମିସ):** ସାଧାରଣ ନିର୍ବାଚନ-୨୦୨୪ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅନୁସୂଚିତ ବର୍ଗ ପାଇଁ ସଂରକ୍ଷିତ ରହିଛି । ସୋମବାର ଏହି ଆସନ ଲାଗି ବହୁଜନ ସମାଜ ପାର୍ଟିର ରାଧାକାନ୍ତ ତାଣ୍ଡି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିଭଳି ସ୍ୱାଧୀନ ପ୍ରାର୍ଥୀ ଦୟାସାଗର ମହାନନ୍ଦ ମଧ୍ୟ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ । ମେ ୨ରେ ବିଜେଡି ପ୍ରାର୍ଥୀ ପଦ୍ମନାଭ ବେହେରା ନାମାଙ୍କନ ପତ୍ର ଦାଖଲ କରିବେ ।

## ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକାଙ୍କ ଇସ୍ତଫା

**ବରଗଡ଼, ୨୯।୪ (ସମିସ) :** ବରଗଡ଼ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ତଥା ଗତ ପୌର ପରିଷଦ ଅଧ୍ୟକ୍ଷା ନିର୍ବାଚନରେ ବରଗଡ଼ରେ ବିଜେପି ଦଳର ପ୍ରାର୍ଥୀ ହୋଇଥିବା ଅନୁରାଧା ଅଗ୍ରୱାଲ ଆଜି ଦଳର ସମସ୍ତ ପଦ ପଦବୀ ତଥା ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି ।



ସେ ବରଗଡ଼ ଜିଲ୍ଲା ବିଜେପି ସଭାପତିଙ୍କୁ ନିଜ ଇସ୍ତଫା ପତ୍ର ପ୍ରଦାନ କରି ଦଳ ପ୍ରତି ନିଷ୍ଠାପର ସହ ନିଜର କର୍ତ୍ତବ୍ୟ ପାଳନ କରିବା ସହ ସମସ୍ତ ନିର୍ଦ୍ଦେଶ ପାଳନ କରି କାର୍ଯ୍ୟ କରିଥିବା ବେଳେ ଦଳ ତାଙ୍କୁ ଉଚିତ ସମ୍ମାନ ଦେଇ ପାରିଲା ନାହିଁ ବୋଲି ନିଜର ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି । ତେବେ ଶ୍ରୀମତୀ ଅଗ୍ରୱାଲଙ୍କ ପରବର୍ତ୍ତୀ ପଦକ୍ଷେପ ବର୍ତ୍ତମାନ ଚର୍ଚ୍ଚାରେ ଥିବା ବେଳେ ବିଜେଡିକୁ ଯାଇପାରନ୍ତି ବୋଲି ବିଭିନ୍ନ ମହଲରେ ହେଉଥିବା ଆଲୋଚନା ବରଗଡ଼ ନଗର ରାଜନୀତିକୁ ଆଜି ଅପରାହ୍ନରୁ ହଟଚମଟ କରିଦେଇଛି । ଗତ ପୌର ନିର୍ବାଚନରେ ବିଜେପି ଅଧ୍ୟକ୍ଷା ପ୍ରାର୍ଥିନୀ ଭାବେ ସିଧାସଳଖ ନିର୍ବାଚନ ଲଢ଼ିଥିବା ଶ୍ରୀମତୀ ଅଗ୍ରୱାଲ ୧୪ ହଜାର ଭୋଟ ପାଇଥିଲେ । ବିଜେଡି ପ୍ରାର୍ଥିନୀ କଳ୍ପନା ମାଝିଙ୍କଠାରୁ ସେ ପରାସ୍ତ ହୋଇଥିଲେ ମଧ୍ୟ ରାଜନୀତି ଓ ଜନସମ୍ପର୍କ କ୍ଷେତ୍ରରେ ନିଜର ଏକ ଛାପ ଛାଡ଼ିବାରେ ସେ ସକ୍ଷମ ହୋଇଥିବାରୁ ବିଜେପିରୁ ଦେଇଥିବା ଇସ୍ତାଫା ବର୍ତ୍ତମାନ ଚର୍ଚ୍ଚାର ପରିଧିସ୍ଥ ହୋଇଯାଇଛି ।

## ତୁର୍ଲାରେ ଆପ୍‌ର ମିଶ୍ରଣ ପର୍ବ

**ପଦ୍ମପୁର / ଝାରବନ୍ଧ, ୨୯/୪ (ସମିସ):** ପଦ୍ମପୁର ନିର୍ବାଚନ ମଣ୍ଡଳୀ ଝାରବନ୍ଧ ବ୍ଲକ ତୁର୍ଲା ଠାରେ ଆପର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ ଆମ ଆଦମୀ ପାର୍ଟି ପଦ୍ମପୁର ବିଧାୟକ ପ୍ରାର୍ଥୀ ବାଲ୍ମୀକି ନାଏକଙ୍କ ନୀତି, ଆଦର୍ଶ ଓ ବିକାଶଧାରାରେ ଅନୁପ୍ରାଣିତ ହୋଇ ଲକ୍ଷେ ଘର ଗଣ୍ଡା ସମାଜର ୫୦ ରୁ ଉର୍ଦ୍ଧ୍ୱ କର୍ମୀ ବିଧିବଦ୍ଧ ଭାବରେ ଆମ ଆଦମୀ ପାର୍ଟିରେ ଯୋଗଦାନ କରିଛନ୍ତି । ବିଧାୟକ ପ୍ରାର୍ଥୀ ଶ୍ରୀ ନାଏକ ଉପସ୍ଥିତ ରହି ନୂତନ ଆପ କାର୍ଯ୍ୟକର୍ତ୍ତା ମାନଙ୍କୁ ସ୍ୱାଗତ କରିଥିଲେ ।

## ବୁଡେନ ଅଞ୍ଚଳରେ ବଣୁଆ ହାତୀ

### ଗ୍ରାମବାସୀଙ୍କୁ ସଚେତନ କଲା ବନବିଭାଗ

**ଦହିତା, ୨୯।୪(ସମିସ):** ପଦ୍ମପୁର ଅନ୍ତର୍ଗତ ବୁଡେନ ଅଞ୍ଚଳରେ ତିନୋଟି ବଣୁଆ ହାତୀ ଫୁଲମତିପୁର ଅଞ୍ଚଳରେ ଥିବା ନେଇ ବନ ବିଭାଗ ଖବର ପାଇଥିଲା । ଏହି ବଣୁଆହାତୀ ପାଟଣାଗଡ଼ ଜଙ୍ଗଲ ଦେଇ ଆସିଥିବା ଜଣାପଡ଼ିଥିଲା । ଏହି ବଣୁଆହାତୀକୁ ନେଇ ବୁଡେନ ତଥା ଆଖପାଖ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା । ଖବରପାଇ ପଦ୍ମପୁର ବନ ବିଭାଗ ରେଞ୍ଜର ସୁଦାମ ଜଗଦଲାଙ୍କ ନେତୃତ୍ୱରେ ଦୁଇଟି ଟିମ ଗଠନ କରାଯାଇ ହାତୀ ମାନଙ୍କୁ ଘଉଡ଼ାଇବା ସହିତ ଫୁଲମତିପୁର, ବୁଡେନ ତଥା ଆଖପାଖ ଅଞ୍ଚଳରେ ଡାକବାଜି ଯୋଗେ ବନପାଳ ସରୋଜ କୁମାର ସାହୁ, ଚିନ୍ମୟୀ ମହାପାତ୍ର, କେଶରଞ୍ଜନ ବୁଡେକ, ମାନ ଠେଠୁଆଁ, ସମିର ଭଏଁସା, ମାଧବ ବଗର୍ତ୍ତି, ପ୍ରସନ୍ନ ବିଶ୍ୱାଳ, ପ୍ରସନ୍ନ ପଧାନ, ଗୁଇଠୁ ପ୍ରଧାନ, ଉମେଶ ପ୍ରଧାନ, ପରମେଶ୍ୱର ପ୍ରଧାନ ପ୍ରମୁଖ ସଚେତନ କରୁଛନ୍ତି ।



## ଗଛଥିବା ଦର୍ଶାଇ ନିର୍ମାଣାଧିନ ରାସ୍ତାର ଚଉଡ଼ା କମାଇ ଦିଆଯାଉଛି

**ଗୁଦେରପାଲି, ୨୯।୪ (ସମିସ):** ବରଗଡ଼ ଜିଲ୍ଲା ଏକାମ୍ର ଛକ ଠାରୁ ଦୁବଲାବାହାଲ ଭାୟା ବିଜେପୁର ରାସ୍ତାର ପ୍ରଶସ୍ତିକରଣ କାମ ଚାଲୁଛି । ଏହି ନିର୍ମାଣଧିନ ରାସ୍ତା ଏକାମ୍ର ଛକ ଠାରୁ ଝିଲ୍ଲୀନାଳା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ କରୁଥିବା ସ୍ଥଳେ ଝିଲ୍ଲିନାଳା ଠାରୁ ଭାୟା ଗୁଦେରପାଲି ଦୁବଲାବାହାଲ ପର୍ଯ୍ୟନ୍ତ ଓଡ଼ିଶା ସେତୁ ନିର୍ମାଣ ନିଗମ ଲିମିଟେଡ (ଓବିସିସି) କମ୍ପାନୀ କରୁଛି । ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରୁଥିବା ଅଂଶରେ ୯ ମିଟର ଚଉଡା ରାସ୍ତା ପାଇଁ ରାସ୍ତା କଡ଼ରେ ଥିବା ଅନେକ ମୂଲ୍ୟବାନ ଗଛ କଟାଯାଇ କାମ ହେଉଛି । କିନ୍ତୁ ଓବିସିସି କମ୍ପାନୀ ରାସ୍ତା ନିର୍ମାଣ କରୁଥିବା ଅଂଶରେ ଗୁଦେରପାଲି ଭାୟା କୁଣ୍ଡାଖାଇ ଛକ ପାଖରେ ପ୍ରାୟ ୧.୬ କି.ମି.ରାସ୍ତାକୁ ରାସ୍ତାକଡ଼ରେ ଗଛ ଥିବା ଆଳ ଦେଖାଇ ଉକ୍ତ କମ୍ପାନୀ ୯ ମିଟର ଚଉଡ଼ା ପରିବର୍ତ୍ତେ ଚଞ୍ଚକତା କରି ୭ମିଟର ଚଉଡ଼ାରେ କାମ କରୁଅଛି । ଏହି ଅଞ୍ଚଳରେ ପ୍ରାୟ ୩୦ ବର୍ଷ ପୂର୍ବର କେବଳ ଚାକୁଣ୍ଡା, ରାଧାଚୂଡ଼ା ପ୍ରଭୃତି ଗଛ ରହିଅଛି । ଯାହା ବର୍ତ୍ତମାନ ବୁଢ଼ା ହୋଇ ଦୁର୍ବଳ ହୋଇ ଟିକିଏ ପବନରେ ଢଳି ରାସ୍ତାରେ ପଡୁଛି । ଏ ବିଷୟରେ ଗତ ୧୧ତାରିଖ ଦିନ ବରଗଡ଼ ଜିଲ୍ଲାପାଳଙ୍କ ଗାଇସିଲେଟ ଅଭିଯୋଗ ପ୍ରକୋଷ୍ଠ ରେ ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ରାସ୍ତା କଡ଼ ଗଛ କାଟିବା ପାଇଁ ଓବିସିସି କମ୍ପାନୀ ଜଙ୍ଗଲ ବିଭାଗକୁ ଆବେଦନ ନକରି ମନମୁଖୀ ରାସ୍ତା ସଂକୀର୍ଣ୍ଣ କରୁଥିବା ଅଭିଯୋଗ ହେଉଛି । ଏହା ଆଗାମୀ ଦିନରେ ଅନେକ ଦୁର୍ଘଟଣାର କାରଣ ହେବାର ସମ୍ଭାବନା ରହିଛି । ରାସ୍ତା ନିର୍ମାଣରେ ଏହି ଗୋଟିଏ ସ୍ଥାନ ପାଇଁ ଏ ପକ୍ଷପାତିତା କରାଯାଉଛି କାହିଁକି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।



# ବୀରମହାରାଜପୁର ବିକାଶରେ ସାମିଲ ହେବାକୁ ଅନୁରୋଧ



**ବୀରମହାରାଜପୁର, ୨୯।୪ (ସମିସ):** ବୀରମହାରାଜପୁର ଅଞ୍ଚଳରେ ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର କରାଯାଇଛି । ବୀରମହାରାଜପୁର ବିଜେଡି ନିର୍ବାଚନ କାର୍ଯ୍ୟାଳୟଠାରୁ ବିଜେଡି ବିଶାଳ ଶୋଭାଯାତ୍ରା ବାହାରି କମିରା ଛକଠାରେ ପହଞ୍ଚିଥଲା । ପିତାମହୁଲ ପଞ୍ଚାୟତର ପିତାମହୁଲ, ଗାରିଆମୁଣ୍ଡା, ତୁଳେଶ୍ୱର, ଠାକୁରପୁର, ଖଣ୍ଡହଥା, ବଡ଼କିରାସିରା, ସାହାଜଲଥା, ବୁରବୁଡ଼ା, ଚିଙ୍ଗିରାନାଲି, ଗୌଡ଼ଗାଡ଼, ଅମରପାଲି, ବହଳପଦର, ଲୁଡୁରପଙ୍ଗ ପ୍ରଭୃତି ଗ୍ରାମ ବୁଲିଥିଲା । ଲୋକଙ୍କୁ ଦୁଇଟି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରାଯାଇଛି । ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଖଣ୍ଡହତାରେ ଏକ ବନ୍ଧୁମିଳନ ସଭାରେ ବୀରମହାରାଜପୁର ବିକାଶରେ ସାମିଲ ହେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଶୋଭାଯାତ୍ରାରେ ବିଜେଡି ବ୍ଲକ ସଭାପତି ଶୟମ୍ଭୁନାଥ ଖଣ୍ଡଗିରି, ଜିଲ୍ଲା ବିଜେଡି ଉପସଭାପତି କିଶୋର ହୋତା, ରଞ୍ଜିତ ରଥ, ଶ୍ରୀନିବାସ ଚାନ୍ଦ, ନୂତନ ଭାବରେ ବିଜେଡିରେ ଯୋଗ ଦେଇଥିବା ପ୍ରେମାନନ୍ଦ ଜଟି, ରାଜଗୋପାଳ ପାଣିଗ୍ରାହୀ, ରଘୁବୀର ପାଣିଗ୍ରାହୀ, ହରିହର ପାତ୍ର, ନିତ୍ୟାନନ୍ଦ ସାହୁ, ମଧୁସୂଦନ ପଣ୍ଡା, ପ୍ରଦୀପ ମିଶ୍ର, ବୈଦ୍ୟନାଥ କର୍ମୀ, ସଞ୍ଜୀବ ଦେହୁରୀ, ତୁଳସୀ ଦାସ ହୋତା ପ୍ରମୁଖ ଯୋଗ ଦେଇଥିଲେ । ଏହା ପରେ ଲୁଡୁରପଙ୍ଗ ମେଟାକାନି ବଜାରରେ ଏକ କର୍ମୀ ସମାବେଶ ହୋଇଥିଲା ।

## ବରଗଡ଼ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ୨୩ତମ ପ୍ରତିଷ୍ଠା ଦିବସ



**ବରଗଡ଼, ୨୯।୪(ସମିସ):** କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ୨୩ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ସମାଜସେବୀ ନମ୍ରତା ଚଢ୍ଡାଙ୍କୁ ଭବ୍ୟ ସ୍ୱାଗତ ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ କ୍ରୀଷ୍ଣା ବିକାଶ ପରିଚାଳନା କମିଟିର ସଦସ୍ୟମାନେ ସମ୍ମାନିତ କରିଥିଲେ । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଡି.ମୁରଲୀ କ୍ରୀଷ୍ଣା ନିଜ ବକ୍ତବ୍ୟରେ ବିଦ୍ୟାଳୟର ସମସ୍ତ ବିଭାଗମୁଖ୍ୟଙ୍କୁ ପ୍ରଶଂସା କରିବା ସହିତ ବିକାଶର ସଫଳତାର ଗୁଢ଼ ରହସ୍ୟକୁ ବଖାଣି କର୍ମଚାରୀ ନିଜର ସାଧୁତା, ସମୟ ସହିତ ପରିବର୍ତ୍ତନ ଓ କଠିନ ପରିଶ୍ରମ ହିଁ ବିକାଶ ଉନ୍ନତିର ମାଇଲଖୁଣ୍ଟକୁ ଅଗ୍ରସର କରାଇଛି ବୋଲି କରିଥିଲେ । ମୁଖ୍ୟ ଅତିଥି ସମାଜସେବୀ ଶ୍ରୀମତୀ ଚଢ୍ଡା ନିଜ ଅଭିଭାଷଣରେ ଭାରତୀୟ ସଂସ୍କୃତି, ପରମ୍ପରା ଓ ନିଜର ମାତୃଭାଷାର ମର୍ଯ୍ୟାଦା ବଜାୟ ରଖିବା ସହିତ ସମାଜ ସଂସ୍କାରର ଦିଗ୍‌ଦର୍ଶନ ଦେଇଥିଲେ । କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ନିଜର ଅଭିଭାଷଣରେ ବିକାଶର ୨୩ତମ ପ୍ରତିଷ୍ଠା ଦିବସରେ ସମସ୍ତଙ୍କୁ ଶୁଭକାମନା ଜଣାଇବା ସହ ବିକାଶ ସଫଳତାର ଶୁଭମନ୍ତ୍ର ପ୍ରଦାନ କରିଥିଲେ । ଏହି ଅବିସ୍ମରଣୀୟ ଦିବସରେ ଚେୟାରମେନ୍ ଶ୍ରୀ କ୍ରୀଷ୍ଣାଙ୍କ ଜନ୍ମଦିବସ ନିଜ ମାତାଙ୍କ ଉପସ୍ଥିତି ତଥା ଶୁଭ ଆଶୀର୍ବାଦରେ ପାଳିତ ହୋଇଯାଇଛି । ଏହି ଅବସରରେ ତାଙ୍କ ମାତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ତଥା ବିଦ୍ୟାଳୟର କଳା ଶିକ୍ଷକମାନଙ୍କ ସ୍ନେହ ଶ୍ରଦ୍ଧାରେ ନିର୍ମିତ ଚିତ୍ର ପ୍ରତିମା ସହ ସମ୍ମାନିତ କରାଯାଇଥିଲା । ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ୱେଲ୍‌ଫେୟାର୍, ସିମେଣ୍ଟ ନଗର ଇଂଲିସ୍ ମିଡିୟମ୍ ସ୍କୁଲ୍‌ର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ । ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ମାର୍ଗଦର୍ଶନ ତଥା ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳତାର ସହ ସମାପନ ହୋଇଥିଲା ।

## ଡି. ମୁରଲିକ୍ରିଷ୍ଣାଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

**ବରଗଡ଼, ୨୯।୪(ସମିସ):** କ୍ରିଷ୍ଣା ବିକାଶ ଗୃପର ଚେୟାରମେନ ଡି. ମୁରଲିକ୍ରିଷ୍ଣାଙ୍କ ଜନ୍ମଦିନ ଅବସରରେ ବିଜେପୁର ବ୍ଲକ ଆଇମାଲ ଗ୍ରାମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏ ଅବସରରେ ଚେୟାରମେନ ଡି. ମୁରଲିକ୍ରିଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ମୋଟ ୧୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିର ପରିଚାଳନାରେ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ ।



## ନୂଆପଡ଼ା, କଳାହାଣ୍ଡି ଜିଲ୍ଲାର ଆଇନ ଶୃଙ୍ଖଳା ସମୀକ୍ଷା କଲେ ଡିଜିପି

**ନୂଆପଡ଼ା, ୨୯।୪(ସମିସ):** ପଡୋଶୀ ଛତିଶଗଡ଼ରେ କିଛି ମାସ ପୂର୍ବରୁ ବିଧାନସଭା ନିର୍ବାଚନ ଶେଷ ହୋଇଛି । ବର୍ତ୍ତମାନ ଓଡ଼ିଶାରେ ନିର୍ବାଚନ ହେବାକୁ ଯାଉଛି । ତେବେ ନୂଆପଡ଼ା, କଳାହାଣ୍ଡି ସୀମାନ୍ତରେ ସବୁବେଳେ ମାଓବାଦୀ ସକ୍ରିୟ ରହିଥାନ୍ତି । ଏଣୁ ମାଓବାଦୀଙ୍କ ଦମନ ପାଇଁ ପୁଲିସ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି । ସୋମବାର ଦିନିକିଆ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଏଥିପାଇଁ ସମୀକ୍ଷା କରିଛନ୍ତି । ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଅପରେସନ) ଏସ. ଦେବଦତ୍ତ ସିଂ, ଡିଆଇଜି ବିଶାଳ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା, କଳାହାଣ୍ଡି ଏସ୍‌ପି ଅଭିଳାଷ ଜି. ନୂଆପଡ଼ା ଏସ୍‌ପି ଜି. ଆର. ରାଘବେନ୍ଦ୍ର ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ନିର୍ବାଚନର ପ୍ରାକ୍ ପ୍ରସ୍ତୁତି, ନିର୍ବାଚନ ନେଇ ପ୍ରତିଷେଧକ ମୂଳକ ପଦକ୍ଷେପ, ଅଭିଯୁକ୍ତଙ୍କ ଉପରେ କଡ଼ା ନଜର, ଚୋରା ମଦ, ମାଦକ ଦ୍ରବ୍ୟ, ସୀମା ସୁରକ୍ଷା ପୋଷ୍ଟ ନିର୍ମାଣ, ଫ୍ଲାଇଂ ସ୍କ୍ୱାଡ୍ ଗଠନ, ଯାଞ୍ଚ, ଫ୍ଲାଗ୍‌ମାର୍ଚ୍ଚ ନେଇ ଶ୍ରୀ ଷଡଙ୍ଗୀ ସମୀକ୍ଷା କରିଛନ୍ତି । ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ଆଲୋଚନା କରିଥିଲେ ।



### ଅତାବିରାରେ ବିଜେଡିର ମିଶ୍ରଣ ପର୍ବ

# କଂଗ୍ରେସ ଓ ବିଜେପିର ୩ ହଜାର କର୍ମୀଙ୍କ ଯୋଗଦାନ

**ବରଗଡ଼, ୨୯।୪(ସମିସ)**

ଅତାବିରା ଏନଏସି ଅନ୍ତର୍ଗତ ସରସ୍ୱତୀ ମଣ୍ଡପଠାରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଅତାବିରା ଏନଏସି ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ବ୍ୟତୀତ ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ର, ଏନଏସି ଅଧ୍ୟକ୍ଷ ବନମାଳୀ ବରିହା, ଉପାଧ୍ୟକ୍ଷ ଅନୁସୂୟା ବିଶାଳ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଜିଲ୍ଲାପରିଷଦ ରଞ୍ଜିତ ସାହୁ ଓ ସତ୍ୟଜିତ ପୁରୋହିତ, ଏସଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ଭୋଇ, ଆରସିଏମଏସ ଅଧ୍ୟକ୍ଷା ରୀତା ସାହୁ, ଉର୍କୁଲୁ ତାଣ୍ଡି, ଇଂ ଭରତ ବେହେରା, ସୁନନ୍ଦା ମେହେର ଜିଲ୍ଲା ପରିଷଦ ପିଙ୍କି ମେହେର, ସମିତି ସଭ୍ୟ ପଦ୍ମିନୀ ଗର୍ତିଆ, ସରପଞ୍ଚ ସଂଘର ସଭାପତି ଭାଗବତିଆ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଥମେ ଗତ ଶନିବାରଦିନ ଶଙ୍ଖ ଭବନରେ ବିଜେଡିରେ ଯୋଗଦାନ କରିଥିବା ଉର୍କୁଲୁ ତାଣ୍ଡି, ଭରତ ବେହେରା, ସୁନନ୍ଦା ମେହେରଙ୍କୁ ଫୁଲମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶ୍ରୀମତୀ ଛୁରିଆ ନିଜର ବକ୍ତବ୍ୟରେ କହିଥିଲେ ଯେ, ଆଜିର ମିଶ୍ରଣ ପର୍ବରେ ୩ହଜାର ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦାନ ଘଟଣା ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତାକୁ ପୁଣି ଥରେ ପ୍ରମାଣିତ କରିଛି । ପ୍ରଧାନମନ୍ତ୍ରୀ ଦେଉଥିବା ଗ୍ୟାରେଣ୍ଟିର ଏଠି କିଛି ମୂଲ୍ୟନାହିଁ ମାତ୍ର ବିଜେଡି କାମର ଗ୍ୟାରେଣ୍ଟି ଦେଉଛି । ଅପରପକ୍ଷରେ କଂଗ୍ରେସରୁ ବହିଷ୍କୃତ ନେତାଙ୍କୁ ବିଜେପି ପ୍ରାର୍ଥୀ କରିଛି । ୨୦୦୯ ମସିହାରେ ସେ ବିଧାୟକ ଥିବାବେଳେ ତାଙ୍କର କାମର ଚିତ୍ର ଅତାବିରା ଦେଖିସାରିଛି ଆଉ ମୁଁ କରିଥିବା କାମ ଲୋକେ ଦେଖିସାରିଛନ୍ତି । ମୋର ଶେଷ ନିଶ୍ୱାସ ଥିବାଯାଏ ଲୋକଙ୍କ ସେବା କରି ଚାଲିବି । ତେଣୁ ଚଳିତ ନିର୍ବାଚନରେ ଡବଲ ଶଙ୍ଖକୁ ଭୋଟ ଦେବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଅନୁରୋଧ କରିଥିଲେ । ହରିଶଙ୍କର ବେହେରା ଓ ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ପରିଚାଳନାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ।



